

# ଶରତ ମୂଲ୍ୟାୟନ

ଶିବଦାସ ଘୋଷ

# ପ୍ରକାଶକଙ୍କ କଲମରୁ

ମହାନ୍ ସାହିତ୍ୟିକ ଶରତଚନ୍ଦ୍ରଙ୍କ ସମ୍ପର୍କରେ ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ ଦେଇଥିବା ଛଅଟି ଭାଷଣରୁ ସଂଗୃହୀତ ହୋଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ସନ୍ନିବେଶିତ କରି 'ଶରତ ମୂଲ୍ୟାୟନ ପ୍ରସଙ୍ଗେ' ଶୀର୍ଷକରେ ବଙ୍ଗଳା ଭାଷାରେ ଏକ ପୁସ୍ତକ ପ୍ରକାଶିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ରେନେସାଁ ଆନ୍ଦୋଳନର ବିପ୍ଲବୀ ଧାରାର ଅନ୍ୟତମ ଶ୍ରେଷ୍ଠ ପ୍ରତିନିଧି ଶରତଚନ୍ଦ୍ରଙ୍କୁ ବିସ୍ମୃତ କରିଦେବା ପାଇଁ ପ୍ରତିକ୍ରିୟାଶୀଳ ଓ କାଏମୀ ସ୍ୱାର୍ଥବାଦୀମାନଙ୍କ ପକ୍ଷରୁ ବହୁ ଉଦ୍ୟମ ହୋଇ ଆସୁଛି । ଏହି ପରିସ୍ଥିତିରେ କମ୍ରେଡ ଶିବଦାସ ଘୋଷଙ୍କ ଏହି ଐତିହାସିକ ମୂଲ୍ୟାୟନ ପ୍ରକାଶିତ ହେବା ମାତ୍ରେ ବୁଦ୍ଧିଜୀବୀ ମହଲରେ ପ୍ରବଳ ଆଲୋଡନ ସୃଷ୍ଟି ହୋଇଥିଲା । ଶରତ ସାହିତ୍ୟ ତଥା ପ୍ରଗତିଶୀଳ ସାହିତ୍ୟ ସମ୍ପର୍କରେ ଏକ ପଥନିର୍ଦ୍ଦେଶକାରୀ ମୂଲ୍ୟାୟନଭାବେ ଏହା ଦେଶ ବିଦେଶରେ ସ୍ୱୀକୃତ ହୋଇଛି । ପ୍ରଥମେ ବଙ୍ଗଳା ଓ ପରେ ଇଂରାଜୀ ଭାଷାରେ ଏହା ଅନେକଥର ପ୍ରକାଶିତ ହୋଇଛି ଏବଂ ହଜାର ହଜାର ପାଠକଙ୍କ ମଧ୍ୟରେ ବ୍ୟାପକଭାବେ ଆଦୃତ ହୋଇଛି ।

ନିପୀଡିତ ମଣିଷର ମୁକ୍ତି ସଂଗ୍ରାମରେ ଉତ୍ସର୍ଗୀକୃତ ଏ ଯୁଗର ଅନ୍ୟତମ ଶ୍ରେଷ୍ଠ ମାର୍କସ୍‌ବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ ଆମ ଦେଶରେ ଶୋଷିତ ମଣିଷର ମୁକ୍ତି ସଂଗ୍ରାମ ଗଢି ତୋଳିବାକୁ ଯାଇ ମାର୍କ୍‌ସବାଦକୁ ଜୀବନ ଦର୍ଶନ ରୂପେ ଗ୍ରହଣ କରିଥିଲେ ଏବଂ ଦର୍ଶନ, ରାଜନୀତି, ଅର୍ଥନୀତିରୁ ଆରମ୍ଭ କରି

ସାହିତ୍ୟ- ସଂସ୍କୃତି ତଥା ଜ୍ଞାନ ବିଜ୍ଞାନର ସମସ୍ତ କ୍ଷେତ୍ରରେ ସତ୍ୟାନୁସନ୍ଧାନ ପାଇଁ କଠୋର କଠିନ ସଂଗ୍ରାମ ପରିଚାଳନା କରିଯାଇଛନ୍ତି । ଏହି ଧାରାରେ ଭାରତବର୍ଷର ନବଜାଗରଣ ବା ରେନେସାଁ ଆନ୍ଦୋଳନକୁ ମୂଲ୍ୟାୟନ କରିବାର ସଠିକ ଦୃଷ୍ଟିଭଙ୍ଗୀଟିକୁ ଐତିହାସିକ ଓ ବିଜ୍ଞାନସମ୍ମତଭାବେ ତୋଳି ଧରିଛନ୍ତି । 'ଶରତ ମୂଲ୍ୟାୟନ' ଆଲୋଚନାଟି ତାହାର ଏକ ଅଂଶବିଶେଷ । ଯଦିଓ ଏହା ଏକ ପୂର୍ଣ୍ଣାଙ୍ଗ ଆଲୋଚନା ନୁହେଁ, ତଥାପି ସାହିତ୍ୟ ଜଗତରେ ଏକ ନୂତନ ଦିଗଦର୍ଶନ ଦେବା କ୍ଷେତ୍ରରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଂକଳନ ହୋଇଥିବାରୁ ଏହାକୁ ଓଡିଆ ଭାଷାରେ ଅନୁବାଦ କରି 'ଶରତ ମୂଲ୍ୟାୟନ' ଶୀର୍ଷକରେ ଆମେ ୨୦୦୨ ମସିହାରେ ପ୍ରକାଶ କରିଥିଲୁ । ଏହାର ବ୍ୟାପକ ଚାହିଦା ଓ ପୁନଃମୁଦ୍ରଣ ସକାଶେ ବାରମ୍ବାର ଦାବୀ ହେବା ଯୋଗୁ ବର୍ତ୍ତମାନ ଏହାର ଦ୍ୱିତୀୟ ମୁଦ୍ରଣ ପ୍ରକାଶ କରୁଛୁ ।

ଅନୁବାଦ ଓ ମୁଦ୍ରଣ କ୍ଷେତ୍ରରେ କେତେକ ପରିବର୍ତ୍ତନ କରାଯାଇଛି । ଏ କ୍ଷେତ୍ରରେ ସମସ୍ତ ତ୍ରୁଟି ପାଇଁ ଆମେ ଦାୟୀ ।

**୬୧, ଗଙ୍ଗୋତ୍ରୀନଗର, ରୋଡ ନଂ- ୩,**
**ଶିଶୁପାଳଗଡ, ଭୁବନେଶ୍ୱର**
**୧୫.୦୩.୨୦୧୫**

**ଧୂର୍ଜଟୀ ଦାସ**

# ଶରତ ମୂଲ୍ୟାୟନ

ଶରତ ସାହିତ୍ୟ ହେଉ ବା ଯେକୌଣସି ସାହିତ୍ୟିକଙ୍କ ଚିନ୍ତା ଚେତନା ବା ତାଙ୍କର ସାହିତ୍ୟ ସୃଷ୍ଟି ସମ୍ପର୍କରେ ବିଚାର ଆଲୋଚନା କରିବାକୁ ଗଲେ, ଯେଉଁ ସମୟ ଅଥବା ସମାଜ ପ୍ରଗତି ଇତିହାସରେ ଯେଉଁ ବିଶେଷ ପର୍ଯ୍ୟାୟରେ ସେହି ସାହିତ୍ୟିକଙ୍କର ଆବିର୍ଭାବ ଘଟିଛି ବା ତାଙ୍କର ସାହିତ୍ୟ ସୃଷ୍ଟି ସମ୍ଭବ ହୋଇଛି ସେହି ସ୍ତରଟିକୁ ଓ ସେହି ସମୟ ଏବଂ ସମାଜ ପରିବେଶଟିକୁ ଆମକୁ ମନେରଖିବାକୁ ହେବ । ସ୍ଥାନ-କାଳର ଊର୍ଦ୍ଧ୍ୱରେ କୌଣସି ସାହିତ୍ୟିକଙ୍କର ଚିନ୍ତା ଚେତନା ଜୀବନଦର୍ଶନର ଆଲୋଚନା ବା ମୂଲ୍ୟାୟନ କରିବାକୁ ଗଲେ ଆମେ ଭୂଲ କରି ବସିବା । କାରଣ ମଣିଷର ଚିନ୍ତା ଚେତନା ଏବଂ ଭାବଜଗତଟି ସ୍ଥାନକାଳ ଓ ପରିବେଶର ସୀମା ଦ୍ୱାରା ନିୟନ୍ତ୍ରିତ । ମଣିଷର ଚିନ୍ତା କରିବାର ଯେମିତି ଅଫୁରନ୍ତ ଏବଂ ଅଶେଷ ଶକ୍ତି ରହିଛି, ତାର କ୍ଷମତାର ଯେମିତି ସୀମା ପରିସୀମା ନାହିଁ, ସେହିଭଳି 'ସୀମା-ପରିସୀମା ନାହିଁ', 'ଅଶେଷ କ୍ଷମତା'- ଏହି ସମସ୍ତ ବିଷୟ ମଧ୍ୟ ବସ୍ତୁସୀମା (Material Condition) ବା ପରିବେଶ ଅର୍ଥାତ୍ ସ୍ଥାନ-କାଳପାତ୍ର ଦ୍ୱାରା ନିୟନ୍ତ୍ରିତ ବା ସୀମାବଦ୍ଧ । ସେ ଯେତେବଡ଼ କ୍ଷମତାବାନ ମଣିଷ ହୁଅନ୍ତୁ ନା କାହିଁକି ତାଙ୍କର ଚିନ୍ତାଜଗତ ଏହି ସୀମାବଦ୍ଧତାକୁ ଆଦୌ ଅତିକ୍ରମ କରିପାରେ ନାହିଁ । ପାରେ ନାହିଁ ବୋଲି ତ ବୁଦ୍ଧଙ୍କ ଭଳି ଜ୍ଞାନୀବ୍ୟକ୍ତିଙ୍କ ପକ୍ଷରେ ମଧ୍ୟ ସେ ଯୁଗରେ 'ଥିଓରି ଅଫ୍ ରିଲେଟିଭିଟି'ର ଆବିଷ୍କାର କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ଅଥବା ଆଜିର ଯୁଗରେ ଆମେ ସାଧାରଣ ମଣିଷମାନେ ବି ଆଧୁନିକ ସଭ୍ୟ ଜଗତର ଗଣତାନ୍ତ୍ରିକ ଶିକ୍ଷାରେ ଶିକ୍ଷିତ ହୋଇ ଗଣତାନ୍ତ୍ରିକ ଧ୍ୟାନଧାରଣା, ମାନବତାବାଦ, ନାରୀ ସ୍ୱାଧୀନତା ବା ନାରୀର ମୁକ୍ତି ପ୍ରଭୃତି ବିଷୟ ସମ୍ପର୍କରେ ଯେଉଁ ଚିନ୍ତାଚେତନାକୁ ପୋଷଣ କରୁ- ତଦାନୀନ୍ତନ ସମୟରେ ବିସ୍ମୟକର ପ୍ରତିଭାର ଅଧିକାରୀ ହୋଇଥିବା ସତ୍ତ୍ୱେ ବି ବୁଦ୍ଧଙ୍କ ଭଳି ବ୍ୟକ୍ତିଙ୍କ ପକ୍ଷରେ





କିନ୍ତୁ ଏହିସବୁ ଧ୍ୟାନଧାରଣା ସୃଷ୍ଟି କରିବା ସେଦିନ ସମ୍ଭବ ହୋଇନାହିଁ । ଏହି କାରଣରୁ ହୋଇନାହିଁ ଯେ, ପରିବର୍ତ୍ତୀକାଳରେ ଯେଉଁମାନେ ଏସବୁ ଆବିଷ୍କାର କରିଛନ୍ତି ବା ଏହିସବୁ ଭାବଧାରାଗୁଡ଼ିକର ଜନ୍ମ ଦେଇଛନ୍ତି, ସେମାନେ ସମସ୍ତେ ବୁଦ୍ଧ, ଶଙ୍କରାଚାର୍ଯ୍ୟ, ମହମ୍ମଦ, ଯୀଶୁ ଆଦିଙ୍କଠାରୁ ଚିନ୍ତାଚେତନାରେ ବା ପ୍ରତିଭାରେ ଅନେକ ବଡ଼ । ଏହାଦ୍ୱାରା ମୁଁ ଯେଉଁ କଥାଟି ବୁଝାଇବାକୁ ଚାହୁଁଛି, ତାହା ହେଲା ସମସ୍ତ ଚିନ୍ତାଚେତନା ସୃଷ୍ଟି ହେବାପୂର୍ବରୁ ହିଁ ତାର ବସ୍ତୁଗତ ଭିତ୍ତି (Material Condition)ଟି ତିଆରି ହୁଏ; ଅର୍ଥାତ୍ ସମାଜ ଭିତରେ ମଣିଷର ମନନଶୀଳତା ଜନିତ ବିକାଶର ଉପାଦାନ ବା ଇନ୍‌ଗ୍ରୀଡ଼ିଏଣ୍ଟ (Ingredient)ଗୁଡ଼ିକର ସୃଷ୍ଟି ହୁଏ । ସାହିତ୍ୟ ବିଚାର ବା ମନୀଷୀମାନଙ୍କର ମୂଲ୍ୟାୟନ କ୍ଷେତ୍ରରେ ଏହି ଅତି ଜରୁରୀ ବିଷୟଟିକୁ ଅନେକେ ମନେ ରଖନ୍ତି ନାହିଁ । ଆଉ ମନେ ରଖନ୍ତି ନାହିଁ ବୋଲି ସେମାନେ ବିଚିତ୍ର ଓ ଅଦ୍ଭୁତ ଧରଣର ସିଦ୍ଧାନ୍ତମାନ ଗ୍ରହଣ କରିଥାନ୍ତି । ପ୍ରତ୍ୟେକ ବ୍ୟକ୍ତି, ସିଏ ଯେତେ ବଡ଼ ମଣିଷ ହୁଅନ୍ତୁ ନା କାହିଁକି, ତାଙ୍କର ଚିନ୍ତା ଏବଂ ପ୍ରତିଭା ଯେ 'ମେଟେରିଅଲ କଣ୍ଡିସନ୍'ର ସୀମା ଦ୍ୱାରା ସୀମିତ, ତାକୁ କାହା ପକ୍ଷରେ ଅତିକ୍ରମ କରିଯିବା ଯେ ସମ୍ଭବ ନୁହେଁ- ଏହି ବିଷୟଟି ବୁଝି ପାରିଲେ ହିଁ ଆମେ ସ୍ଥାନ-କାଳ ପରିବେଶ ମଧ୍ୟରେ ମନୀଷୀମାନଙ୍କର ଯଥାର୍ଥ ମୂଲ୍ୟାୟନ ବା ବିଚାର କରିପାରିବୁ ଏବଂ ସ୍ଥାନ-କାଳ-ପରିବେଶର ପରିପ୍ରେକ୍ଷୀରେ ଯେଉଁ ବ୍ୟକ୍ତିଙ୍କର ଭାବନା ଧାରଣା, କ୍ରିୟାକଳାପକୁ ଆମେ ବିଚାର କରୁଛୁ- ଠିକ୍ ସେହି ସମୟର ସମାଜ ଅଗ୍ରଗତି ଏବଂ ପ୍ରଗତି ଆନ୍ଦୋଳନର ଦୃଷ୍ଟିକୋଣରୁ ତାହା କେତେଦୂର ପ୍ରଗତିଶୀଳ ବା ପ୍ରତିକ୍ରିୟାଶୀଳ, ଅଥବା ତାଙ୍କ ଦ୍ୱାରା ଠିକ୍ କେଉଁ ଧରଣର ଚିନ୍ତା ଭାବନା, ରସୋପଲବ୍ଧି, ସଂସ୍କୃତିର ମାନ ପ୍ରତିଫଳିତ ହୋଇଛି, ତାହା ସମାଜକୁ କେତେବାଟ ଆଗେଇବାରେ ସାହାଯ୍ୟ କରିଛି, ଯଦି ପ୍ରତିକ୍ରିୟାଶୀଳ ହୋଇଥାଏ ତେବେ ତାହା କେତେଦୂର ପ୍ରତିକ୍ରିୟାଶୀଳ- ଏହି ପ୍ରଶ୍ନଗୁଡ଼ିକ ବି ସେତେବେଳେ ଯାଇ ଆମେ ବିଚାର କରିବାକୁ ସକ୍ଷମ ହେବୁ । ତାହା ନ ହେଲେ ଧରିନେବାକୁ ହେବ ଯେ, ମଣିଷର ମୂଲ୍ୟବୋଧ ଏବଂ ଚିନ୍ତା ଭାବନାର କେତେକ ମୌଳିକ ଦିଗ ରହିଛି, ଯାହା ସ୍ଥାନକାଳର ସୀମାଦ୍ୱାରା ବା 'ମେଟେରିଆଲ କଣ୍ଡିସନ୍' ଦ୍ୱାରା ନିୟନ୍ତ୍ରିତ ନୁହେଁ- ଯାହା 'ସ୍ଥାନ କାଳର ଉର୍ଦ୍ଧ୍ୱରେ' ବା 'ଶାଶ୍ୱତ'; ଏଭଳି ଧାରଣାକୁ ମୁଁ ଅବୈଜ୍ଞାନିକ ଏବଂ ଭ୍ରାନ୍ତଧାରଣା ବୋଲି ମନେକରେ । ଏହା କେବଳ ଭ୍ରାନ୍ତ ଧାରଣା ହିଁ ନୁହେଁ ଅତ୍ୟନ୍ତ କ୍ଷତିକାରକ ମଧ୍ୟ । କାରଣ ଏହିଭଳି ଧାରଣା, ଚିନ୍ତାର ଅଗ୍ରଗତି





କ୍ଷେତ୍ରରେ ବାଧା ଦେଇଥାଏ ଏବଂ ସତ୍ୟକୁ ବୁଝିବା କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରେ । ଏହି କଥାକୁ ଯେଉଁମାନେ ଅସ୍ୱୀକାର କରିବେ, ସେମାନଙ୍କୁ ମୋର ଏହି ପ୍ରଶ୍ନର ଜବାବ ଦେବାକୁ ହେବ ଯେ, ବୁଦ୍ଧଙ୍କର ବୁଦ୍ଧି ଓ ଜ୍ଞାନ , ଆଇନଷ୍ଟାଇନ୍‌ଙ୍କଠାରୁ କମ୍ ଥିବା ଯୋଗୁ କ'ଣ ତାଙ୍କ ପକ୍ଷରେ 'ଥିଓରି ଅଫ୍ ରିଲେଟିଭିଟି' ବା 'ଇଲେକ୍‌ଟ୍ରୋମ୍ୟାଗନେଟିକ୍ ଫିଲଡ୍' ସଂକ୍ରାନ୍ତୀୟ ବିଭିନ୍ନ ତତ୍ତ୍ୱ ଆବିଷ୍କାର କରିବା ସମ୍ଭବ ହୋଇନାହିଁ ? ଅଥବା ୟୁରୋପର ମାନବତାବାଦୀଗଣ ଯେଉଁମାନେ କି ଗଣତାନ୍ତ୍ରିକ ଚିନ୍ତା ଚେତନାର ଉଦ୍‌ବର୍ତ୍ତକ ବା କାର୍ଲ ମାର୍କ୍ସ ଯିଏ ଅଧିକତର ଉନ୍ନତ ଚିନ୍ତା ଅର୍ଥରେ ବୈଜ୍ଞାନିକ ସମାଜତନ୍ତ୍ରର ଉଦ୍‌ଗାତା, ସେମାନେ ସମସ୍ତେ କ'ଣ ବୁଦ୍ଧ, ଶଙ୍କରାଚାର୍ଯ୍ୟ, ସକ୍ରେଟିସ୍‌ଙ୍କ ଭଳି ବ୍ୟକ୍ତିଙ୍କଠାରୁ ଅନେକ ବେଶୀ ପ୍ରତିଭାବାନ ଥିଲେ ବୋଲି ଏସବୁ କରି ପାରିଛନ୍ତି ? ଏ ଧରଣର ଚିନ୍ତା ସହ ମୁଁ ଆଦୌ ଏକମତ ନୁହେଁ । ମୁଁ ମନେକରେ ଯେ ବିଭିନ୍ନ ଯୁଗର ଚିନ୍ତାନାୟକମାନେ ନିଜ ନିଜ ଯୁଗର ଶ୍ରେଷ୍ଠ ଚିନ୍ତାନାୟକ ହେବା ସତ୍ତ୍ୱେ ବି ସେମାନେ ସେମାନଙ୍କ ଯୁଗର ପରିଧି, ସ୍ଥାନ-କାଳ-ପରିବେଶର ସୀମା ଅତିକ୍ରମ କରିପାରି ନାହାନ୍ତି । ଜଣେ ବ୍ୟକ୍ତିର କ୍ଷମତା ଏବଂ ପ୍ରତିଭା ଉଚ୍ଚମାନର, ସର୍ବଶ୍ରେଷ୍ଠ ସ୍ତରରେ ପହଞ୍ଚିଥିଲେ ବି ସେହି ସମୟରେ ଏହି ଚିନ୍ତା ତାଙ୍କ ମଧ୍ୟରେ ସୃଷ୍ଟି ହେବା ସମ୍ଭବ ନଥିଲା । ତେଣୁ ପୂର୍ବବର୍ତ୍ତୀ ଯୁଗରେ କୋପରନିକସ୍ ପ୍ରାକୃତିକ ବିଜ୍ଞାନ (Natural Science) ସମ୍ପର୍କରେ ଯେଉଁ ଚିନ୍ତାଧାରା ଗଢ଼ି ତୋଳିଥିଲେ; ସେହି ତତ୍ତ୍ୱକୁ ଆଧାର କରି ନିଉଟନ୍‌ଙ୍କ ଭଳି ବୈଜ୍ଞାନିକଙ୍କର ଆବିର୍ଭାବ ଘଟିଛି । ପୁଣି ନିଉଟନିୟାନ୍ ମେକାନିକ୍‌ସ୍‌ର ଭିତ୍ତିଭୂମି ଉପରେ ହିଁ ଆଇନଷ୍ଟାଇନ୍‌ଙ୍କ ଭଳି 'ଜିନିୟସ'ଙ୍କର ବିକାଶ ସମ୍ଭବ ହୋଇଛି ।

ସାହିତ୍ୟରେ ବି ଠିକ୍ ସେଇଭଳି ଚିରନ୍ତନ ବା ଅନନ୍ତକାଳ ପାଇଁ କୌଣସି ଚିନ୍ତା ଚେତନା, ରୀତିନୀତି ଓ ସାଂସ୍କୃତିକ ଢାଞ୍ଚା ମଣିଷକୁ ପଥ ଦେଖାଇ ପାରେନା । ଏକ ବିଶେଷ ସ୍ତର ବା ଅତିବେଶୀରେ କେତେଗୁଡ଼ିଏ ସ୍ତରକୁ ବ୍ୟାପ୍ତ କରି ଏକ ବିଶେଷ ଯୁଗର ଭାବନା ଧାରଣା ମଣିଷ ସମାଜକୁ କିଛିବାଟ ଆଗେଇ ନେଇଯାଏ । ତାପରେ ନୂତନ ପରିବେଶ, ନୂତନ ସମସ୍ୟାର ସମ୍ମୁଖୀନ ହୋଇ ସେହି ପୁରାତନ ଭାବନା ଧାରଣା- ଯାହା ଏକଦା ସମାଜର ପ୍ରଗତି ଏବଂ ଅଗ୍ରଗତି ତଥା ମଣିଷର ଉନ୍ନତି, କଲ୍ୟାଣ ଓ ବିକାଶ କ୍ଷେତ୍ରରେ ସାହାଯ୍ୟ କରିଥିଲା; ତାହା ଅକାମୀ ହୋଇଯାଏ, ପଛୁଆ ଚିନ୍ତା ଚେତନାରେ ପର୍ଯ୍ୟବେସିତ ହୋଇଯାଏ । ସେହି ଏକା ଚିନ୍ତା, ଧାରଣା ନୂଆ ନୂଆ ସମସ୍ୟା ଉପରେ ଆଲୋକପାତ କରିବା





ପରିପ୍ରେକ୍ଷୀରେ ଅଚଳ, ଅସମ୍ପୂର୍ଣ୍ଣ ଏବଂ ଅସତ୍ୟ ହୋଇଯାଏ । ଅତୀତର ସର୍ବୋଚ୍ଚ ଏବଂ ସର୍ବୋତ୍ତମ ଚିନ୍ତାଚେତନାଗୁଡ଼ିକର ଦୃଢ଼ଭିତ୍ତି ଉପରେ ଏହି ସମ୍ପୂର୍ଣ୍ଣ ନୂତନ ଭାବଧାରା ଗଢ଼ି ଉଠିଲେ ବି ସେମାନଙ୍କ ଐତିହାସିକ ଧାରାବାହିକତା ଭିତରେ ଅତୀତ ସହିତ ଏହି ନୂତନ ଭାବଧାରାର ବି ଏକ ଛେଦ ରହିଛି । ନୂତନ ପରିବେଶରେ ମଣିଷର ଏବଂ ସମାଜର ନୂତନ ପ୍ରୟୋଜନରେ, ଅତୀତର ଭାବଧାରା ସହିତ ନୂତନର ବିରୋଧ ଭିତରୁ ହିଁ ଏକ ସମ୍ପୂର୍ଣ୍ଣ ନୂତନ ଆଦର୍ଶଗତ ପରିମଣ୍ଡଳ ଗଢ଼ି ଉଠେ । ଏହି ଭାବରେ ହିଁ ରୁଚି ସଂସ୍କୃତି, ଚିନ୍ତା ଭାବନା, ନୀତି ନୈତିକତା ଓ ମୂଲ୍ୟବୋଧ ସମ୍ପର୍କିତ ଧ୍ୟାନଧାରଣାଗୁଡ଼ିକ ଅତୀତ ଯୁଗରୁ ବାରମ୍ବାର ନିତ୍ୟ ନୂତନ ରୂପରେ ପରିବର୍ତ୍ତିତ ହୋଇ ଚାଲିଛି । ତେଣୁ କୌଣସି ସତ୍ୟ ହିଁ ଶାଶ୍ୱତ ବା ଚିରନ୍ତନ ସତ୍ୟ ନୁହେଁ । ସତ୍ୟ ମାତ୍ରେ ହିଁ ବିଶେଷ ସତ୍ୟ, ଆପେକ୍ଷିକ ସତ୍ୟ ଓ ଏଇଥିପାଇଁ ସତ୍ୟ 'ଡିସିସିଭ୍' ଅମୋଘ ଓ କାର୍ଯ୍ୟକାରୀ । ସତ୍ୟ ଘଟଣାକୁ ପ୍ରଭାବିତ କରେ । ଚିରନ୍ତନ ସତ୍ୟର ଧାରଣା ଯେହେତୁ ଅବାସ୍ତବ, ତେଣୁ ଜୀବନ ଓ କର୍ମ କ୍ଷେତ୍ରରେ ବାସ୍ତବମୁଖୀ ଦୃଷ୍ଟିଭଙ୍ଗୀ ଗ୍ରହଣ କରିବା କ୍ଷେତ୍ରରେ ଅଧିକାଂଶ ସମୟରେ ଏହା ମଣିଷକୁ ଅସମର୍ଥ କରେ ।

ତେଣୁ ଶରତ ସାହିତ୍ୟ ବିଚାର କ୍ଷେତ୍ରରେ ଆମକୁ ମନେ ରଖିବାକୁ ହେବ ଯେ, ଆମେ ଆଜିକାର ଦିନରେ ଯେଉଁସବୁ ଚିନ୍ତା ଚେତନା ଓ ଆଦର୍ଶକୁ ସବୁଠାରୁ ଉନ୍ନତ ବୋଲି ମନେକରୁ, ଠିକ୍ ସେହି କଥାଗୁଡ଼ିକ ଶରତଚନ୍ଦ୍ର ତାଙ୍କ ସମୟରେ କହିଛନ୍ତି କି ନାହିଁ; ଆଉ ଯଦି ନ କହିଥାନ୍ତି, ତେବେ ସେ ପ୍ରତିକ୍ରିୟାଶୀଳ ହୋଇଗଲେ- ଏ ଧରଣର ବିଚାର ଅସଲରେ କୌଣସି ବିଚାର ହିଁ ନୁହେଁ । ଏହି ଭାବରେ ଯେଉଁମାନେ ବିଚାର କରନ୍ତି ସେମାନେ ବୁଝି ପାରନ୍ତି ନାହିଁ ଯେ, ଶରତଚନ୍ଦ୍ର ତାଙ୍କର ସମସାମୟିକ କାଳରେ ସାହିତ୍ୟ ମାଧ୍ୟମରେ ଯେଉଁ ଜୀବନ ଦର୍ଶନ, ଚିନ୍ତା ଭାବନା, ସଂସ୍କୃତି ଓ ରୁଚିଗତମାନ ପ୍ରତିଫଳିତ କରିଥିଲେ- ତାହା ସେ ସମୟରେ ଆମ ଦେଶର ପ୍ରଗତିଶୀଳ ଆନ୍ଦୋଳନ ଏବଂ ବିପ୍ଳବୀ ଆନ୍ଦୋଳନର ପରିପୂରକ ଥିଲା କି ନାହିଁ- ଏହା ହିଁ ବିଚାର କରିବାର ମୂଳ ବିଷୟ । ଆଜିକାର ବିପ୍ଳବୀ ଆନ୍ଦୋଳନ ତତ୍କାଳୀନ ବିପ୍ଳବୀ ଆନ୍ଦୋଳନଠାରୁ ଆଦର୍ଶଗତ ଦିଗରୁ ଏବଂ ପ୍ରକୃତିଗତ ତଥା ସଙ୍ଗଠନଗତ ଦିଗରୁ ତ ନିଶ୍ଚିତ ରୂପେ ବଦଳି ଯାଇଛି, ଏପରିକି ବିପ୍ଳବ କରିବାର ମଣିଷଗୁଡ଼ିକ ବି ବଦଳି ଯାଇଛନ୍ତି । ତେଣୁ ଆଜିକାର ଦିନରେ ପ୍ରଗତି ଓ ବିପ୍ଳବର ପ୍ରୟୋଜନରେ ଯେଉଁ ଚିନ୍ତାଭାବନାଗୁଡ଼ିକ ଆମ ନିକଟରେ ସବୁଠାରୁ ଅଗ୍ରଗଣ୍ୟ ବୋଲି ମନେ ହେଉଛି ସେହି ମାପକାଠିରେ, ଶରତଚନ୍ଦ୍ରଙ୍କ କୌଣସି ଚିନ୍ତା ସେତିକି





ଅଗ୍ରଗଣ୍ୟ ମନେ ନ ହେଲେ ହିଁ- ତାହା ପ୍ରତିକ୍ରିୟାଶୀଳ ଏବଂ ଭ୍ରାନ୍ତ- ଏକଥା କୁହାଯାଇ ପାରେନା । ଏଭଳି ଭାବେ କାହାକୁ ବି ମୂଲ୍ୟାୟନ କରାଯାଇ ପାରିବ ନାହିଁ । ରବୀନ୍ଦ୍ରନାଥ, ସେକ୍‌ସପିଅର, ଶରତଚନ୍ଦ୍ରଙ୍କ ଠାରୁ ଆରମ୍ଭ କରି ଟଲଷ୍ଟୟ, ସକ୍ରେଟିସ୍ ଓ ବୁଦ୍ଧଙ୍କ ପର୍ଯ୍ୟନ୍ତ କାହାରି ଯଥାର୍ଥ ମୂଲ୍ୟାୟନ ହେବ ନାହିଁ । କେବଳ ଆଜି ଯାହାକୁ ଆମେ ସଠିକ ବୋଲି ମନେକରୁ ସେହି ବିଚାରକୁ ଭିତ୍ତିକରି ସମଗ୍ର ଅତୀତଟିକୁ ଯଦି ଭ୍ରାନ୍ତ ବୋଲି ଧରିନେଉ ତେବେ ଆମେ ଛିନ୍ନମୂଳ ହୋଇପଡ଼ିଛୁ ବୋଲି ବୁଝିବାକୁ ହେବ ।

...ତାହେଲେ ବର୍ତ୍ତମାନ ବିଚାର୍ଯ୍ୟ ବିଷୟଟି ହେଉଛି ଶରତଚନ୍ଦ୍ରଙ୍କ ସମୟଟି କ'ଣ ଥିଲା ? ଶରତଚନ୍ଦ୍ରଙ୍କ ସମୟଟି ହେଉଛି ଭାରତବର୍ଷର ରେନେସାଁ ଆନ୍ଦୋଳନର ସମୟ, ସାମ୍ରାଜ୍ୟବାଦ ବିରୋଧୀ ସ୍ୱାଧୀନତା ଆନ୍ଦୋଳନର ଉତ୍ତାଳ ଜୁଆରର ସମୟ । ରାଜା ରାମମୋହନ ରାୟଙ୍କ ଠାରୁ ଏ ଦେଶର ରେନେସାଁ ଆନ୍ଦୋଳନର ଆରମ୍ଭ ବୋଲି କୁହାଯାଇପାରେ । ଇଉରୋପର ବୁର୍ଜୁଆ ମାନବତାବାଦୀ ଧ୍ୟାନଧାରଣା ଓ ଚିନ୍ତା ଭାବନାଗୁଡ଼ିକୁ ଧର୍ମର ଅନ୍ତଃସ୍ୱରଟି ସହ ମିଶାଇ ଧର୍ମୀୟ ସଂସ୍କାର ପଥରେ ସେ ଏ ଦେଶରେ ରେନେସାଁ ଆନ୍ଦୋଳନର ଜନ୍ମ ଦେଇଥିଲେ । ଏହିଭଳି ଭାବେ ଏ ଦେଶରେ ରେନେସାଁ ଆନ୍ଦୋଳନ ଧର୍ମୀୟ ସଂସ୍କାର (Religious Reformation) ର ପଥ ଦେଇ ଧୀରେ ଧୀରେ ଆଗେଇବାକୁ ଆରମ୍ଭ କରିଥିଲା । ପରବର୍ତ୍ତୀକାଳରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଆବିର୍ଭାବ ରେନେସାଁ ଆନ୍ଦୋଳନର ଏକ ଅଭୂତପୂର୍ବ ଘଟଣା ଏବଂ ଯେତେଦୂର ମନେହୁଏ ବିଦ୍ୟାସାଗର ହିଁ ପ୍ରଥମ ବ୍ୟକ୍ତି ଯିଏକି ଧର୍ମୀୟ ସଂସ୍କାର ପଥରେ-ରେନେସାଁ ଆନ୍ଦୋଳନ ଭିତରେ ଏକ ଛେଦ ରେଖା ଟାଣିଲେ । ସେ ହିଁ ଏ ଦେଶର ସର୍ବପ୍ରଥମ ବ୍ୟକ୍ତି ଯିଏକି ମାନବତାବାଦୀ ଆନ୍ଦୋଳନକୁ ଯଥାସମ୍ଭବ ଇତିହାସ, ବିଜ୍ଞାନ ଓ ଯୁକ୍ତିର ଦୃଢ଼ଭିତ୍ତି ଉପରେ ଛିଡ଼ା କରିବାକୁ ଚେଷ୍ଟାକଲେ ।... ବିଦ୍ୟାସାଗରଙ୍କୁ ଏ ଦେଶର ମଣିଷ ମହାନ୍ ବ୍ୟକ୍ତି ବୋଲି ଜାଣନ୍ତି; ଶ୍ରଦ୍ଧା କରନ୍ତି, କିନ୍ତୁ ତାଙ୍କୁ କେତେଜଣ ବୁଝିଛନ୍ତି ? ଆମ ଦେଶର ଅଧିକାଂଶ ଲୋକ ବିଦ୍ୟାସାଗରଙ୍କ ଆଣ୍ଠୁ ଉପରେ ଲୁଗା ପିନ୍ଧିବା, ମୁଣ୍ଡରେ ଚୁଟି ରଖିବା ଦେଖି ତାଙ୍କୁ ଜଣେ ନୈଷ୍ଠିକ ବ୍ରାହ୍ମଣ ବୋଲି ଭାବନ୍ତି । ଏକଥା ଠିକ୍ ତାଙ୍କ ବାହାର ବେଶ ପୋଷାକ ଶାସ୍ତ୍ରକାର ଏବଂ ନୈଷ୍ଠିକ ବ୍ରାହ୍ମଣଙ୍କ ଭଳି ଥିଲା । କିନ୍ତୁ ଅନ୍ତରରେ ସେ ଥିଲେ ତତ୍କାଳୀନ ଭାରତୀୟ ସମାଜ ପରିବେଶରେ ଜଣେ ଖାଣ୍ଟି ମାନବତାବାଦୀ (Humanist) । ସେ ଭାରତୀୟ ସଭ୍ୟତା ସହ ପାଶ୍ଚାତ୍ୟ ବିଜ୍ଞାନ ସଭ୍ୟତାର ଏକ ଯୁକ୍ତି ଭିତ୍ତିକ ସଂଯୋଗ ସ୍ଥାପନ





କରିବାକୁ ଚାହିଁଥିଲେ । ତେଣୁ ତାଙ୍କର ବକ୍ତବ୍ୟ ଥିଲା "ଛାତ୍ରମାନଙ୍କୁ ଇଂରାଜୀ ଶିଖାଅ, ମିଲ୍‌ଙ୍କ ଲଜିକ୍ ପଢ଼ାଅ", କୁଜାହୋଇ ଯାଉଥିବା ଏହି ଜାତିକୁ ସଂସ୍କୃତ ଶିଖାଇ ଛିଡ଼ା କରାଯାଇ ପାରିବ ନାହିଁ । ... ଏହି ଜାତିର ମେରୁଦଣ୍ଡକୁ ଦୃଢ଼ କରିବାକୁ ହେଲେ ବିଶ୍ୱର ଜ୍ଞାନ-ବିଜ୍ଞାନ ସହ ତାଙ୍କୁ ପରିଚିତ ହେବାର ସୁଯୋଗ ଦେବାକୁ ହେବ । ଆଉ ଇଂରାଜୀ ଶିଖିଲେ ଦେଶର ଯୁବକମାନେ ତା ମାଧ୍ୟମରେ ଇତିହାସ, ଲଜିକ୍ ଓ ଆଧୁନିକ ବୈଜ୍ଞାନିକ ଚିନ୍ତା ଭାବନା ଏବଂ ୟୁରୋପର ବାସ୍ତୁବାଦୀ ଦର୍ଶନ ସହ ପରିଚିତ ହେବେ । ତେଣୁ ସେ ବାଲେଣ୍ଟାଇନ୍‌ଙ୍କ ମତର ବିରୋଧ କରି କହିଥିଲେ, "ଆମ ଦେଶରେ ସାଂଖ୍ୟ ଓ ବେଦାନ୍ତ ଯେଉଁଳି ଭ୍ରାନ୍ତ ଦର୍ଶନ; ସେହିଭଳି ୟୁରୋପର ବାର୍କଲେଙ୍କ ଦର୍ଶନ ମଧ୍ୟ ଦେଇ ବି ସେହି ଏକା ଭ୍ରାନ୍ତ ଧାରଣା ପ୍ରତିଫଳିତ ହୋଇଛି । ଏହି ସବୁ ଭ୍ରାନ୍ତ ଦର୍ଶନର ପ୍ରଭାବରୁ ଆମ ଦେଶର ଲୋକଙ୍କୁ ମୁକ୍ତ କରିବା ପାଇଁ ୟୁରୋପର ଜ୍ଞାନ-ବିଜ୍ଞାନ ଓ ବାସ୍ତୁବାଦୀ ଦର୍ଶନ ସହ ପରିଚିତ ହେବାକୁ ପଡ଼ିବ, ତେବେଯାଇ ଦେଶର ମଣିଷ ବସ୍ତୁ ଜଗତକୁ ତନ୍ନ ତନ୍ନ କରି ଜାଣି ସତ୍ୟୋପଲବ୍ଧି କରିବାକୁ ଏବଂ ତା ଉପରେ ମଣିଷର ନୂତନ ଜୀବନ ଦର୍ଶନ ବା ମୂଲ୍ୟବୋଧ ଛିଡ଼ା କରିବାକୁ ସକ୍ଷମ ହେବ ।" ତେଣୁ ସେ ଏହିସବୁ ଅସାର ଆଧ୍ୟାତ୍ମବାଦୀ ଓ ଭାବବାଦୀ ଦର୍ଶନ, ଛାତ୍ରମାନଙ୍କୁ ପଢ଼ାଇବାକୁ ବିରୋଧ କରିଥିଲେ । ... ତାଙ୍କର ଶିକ୍ଷା ସଂକ୍ରାନ୍ତୀୟ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ବିଚାର କଲେ ଅତି ସହଜରେ ବୁଝିହୁଏ ଯେ, ଧର୍ମୀୟ ସଂସ୍କାର ପଥରେ ଆମ ଦେଶରେ ରାମମୋହନ ରାୟଙ୍କ ସମୟରୁ ଯେଉଁ ରେନେସାଁ ଆନ୍ଦୋଳନ ଆରମ୍ଭ ହେଲା; ବିଦ୍ୟାସାଗର ଥିଲେ ସେହି ଧାରାର ଏକ ବଳିଷ୍ଠ ବ୍ୟତିକ୍ରମ । ଯିଏକି ମାନବତାବାଦୀ ଆନ୍ଦୋଳନକୁ ତତ୍କାଳୀନ ପରିବେଶରେ ଯେତେଦୂର ସମ୍ଭବ ଧର୍ମୀୟ ବିଚାର-ବୁଦ୍ଧି ଓ ପ୍ରଭାବରୁ ମୁକ୍ତ କରିବାକୁ ଚାହିଁଥିଲେ । ଏହି ସତ୍ୟ ତାଙ୍କ ଜୀବନର ସମସ୍ତ କାର୍ଯ୍ୟକଳାପ, ଆଚାର ଆଚରଣ, କଥାବାର୍ତ୍ତାରୁ ନିଃସନ୍ଦେହରେ ପ୍ରମାଣିତ ହୁଏ ।

...ବିଦ୍ୟାସାଗରଙ୍କ ଭୂମିକାକୁ ବାଦଦେଲେ ଏବଂ ବିଦ୍ୟାସାଗରଙ୍କ ଯୁଗଟି ପାରହୋଇ ଆମ ଦେଶର ରେନେସାଁ ଆନ୍ଦୋଳନ ପୁନରାୟ ଧର୍ମୀୟ ସଂସ୍କାର (Religious Reformation) ପଥରେ ହିଁ ଆଗେଇବାକୁ ଲାଗିଲା । ହିନ୍ଦୁ ସମାଜର ସଂସ୍କାର ଘଟାଇ ତାହାକୁ ଦୋଷତ୍ରୁଟି ମୁକ୍ତ କରିବା ପାଇଁ ବ୍ରାହ୍ମଧର୍ମର ପ୍ରବଳ ଜୁଆର ସୃଷ୍ଟି ହେଲା । ଅପର ଦିଗରେ ହିନ୍ଦୁ ଧର୍ମର ପୁନରଭ୍ୟୁତ୍‌ଥାନ (Revivalism) ପାଇଁ ତୀବ୍ର





ଆନ୍ଦୋଳନ ଆରମ୍ଭ ହେଲା । ହିନ୍ଦୁ ଧର୍ମୀୟ ଐତିହ୍ୟର ଧାରବାହିକତା ଭିତ୍ତିରେ ହିନ୍ଦୁ ସମାଜକୁ ଜାତିପ୍ରଥା ଓ ଅସ୍ପୃଶ୍ୟତାରୁ ମୁକ୍ତ କରିବାପାଇଁ ହିନ୍ଦୁ ଧର୍ମର ସଂସ୍କାରକମାନେ ଆଗେଇ ଆସିଲେ ଏବଂ ଏହି ପର୍ଯ୍ୟାୟରେ ହିଁ ରାମକୃଷ୍ଣଙ୍କର ଆବିର୍ଭାବ । ...ବିବେକାନନ୍ଦ ଏହି ହିନ୍ଦୁ ପୁନରଭ୍ୟୁତ୍‌ଥାନବାଦୀ ଆନ୍ଦୋଳନର ଏକ ବିସ୍ମୟକର ସୃଷ୍ଟି । ସେ ରେନେସାଁ ଆନ୍ଦୋଳନକୁ କେବଳ ଧର୍ମୀୟ ସଂସ୍କାର (Religious Reformation) ର ଗଣ୍ଡି ମଧ୍ୟରେ ସୀମାବଦ୍ଧ କରି ରଖିଲେ ନାହିଁ । ସେ ଉପାସନା ଓ ସାଧନା ପରିବର୍ତ୍ତେ କର୍ମଯୋଗ ଉପରେ ଜୋର ଦେଲେ ଏବଂ ସମଗ୍ର ଦେଶରେ ଏକ ପ୍ରବଳ ଜାତ୍ୟାଭିମାନ ଓ ଦେଶାତ୍ମବୋଧକ ମନୋଭାବର ଜନ୍ମଦେଲେ । ବେଦାନ୍ତ ଦର୍ଶନ ଓ ଭାରତୀୟ ଅତୀତର ଆଧ୍ୟାତ୍ମିକ ଅଭିମାନ (Spiritual Pride)ର ଭିତ୍ତିରେ ହିଁ ସେ ଏହି ଜାତ୍ୟାଭିମାନ ଓ ଦେଶାତ୍ମବୋଧର ଜନ୍ମଦେଲେ । ପରବର୍ତ୍ତୀ କାଳରେ ଏହି ଯେଉଁ ତୀବ୍ର ସ୍ୱାଧୀନତାର ଆନ୍ଦୋଳନ ଦେଶବ୍ୟାପୀ ଗଢ଼ି ଉଠିଲା, ଅନେକାଂଶରେ ଏହି କାରଣରୁ ହିଁ ତାହା ମୂଳତଃ ହିନ୍ଦୁ ଧର୍ମ ଭିତ୍ତିକ ଜାତୀୟତାବାଦ (Hindu Religion Oriented Nationalism) ହୋଇ ରହିଗଲା । ... ଏହାପରେ ଧୀରେ ଧୀରେ ଦେଶର ଅଭ୍ୟନ୍ତରରେ ସ୍ୱାଧୀନତାର ଆକାଂକ୍ଷା ତଥା ସ୍ୱାଧୀନତା ଆନ୍ଦୋଳନ ଯେତେବେଳେ ପ୍ରବଳ ଆକାର ଧାରଣ କଲା; ଠିକ୍ ସେହି ସମୟରେ ହିଁ ବଙ୍ଗ ସମାଜରେ ସାହିତ୍ୟିକ ଭାବେ ଶରତଚନ୍ଦ୍ରଙ୍କ ଆବିର୍ଭାବ ଘଟେ ।

ଧର୍ମୀୟ ସଂସ୍କାର (Religious Reformation) ପଥରେ ରେନେସାଁ ଆନ୍ଦୋଳନ ମଧ୍ୟରେ ବିଦ୍ୟାସାଗରଙ୍କ ଭୂମିକା ଯେମିତି ମାନବତାବାଦୀ ଆନ୍ଦୋଳନକୁ ତତ୍କାଳୀନ ସମାଜ ପରିବେଶରେ ଯେତେଦୂର ସମ୍ଭବ ଧର୍ମୀୟ ପ୍ରଭାବ ଓ ଧର୍ମୀୟ ଯୁକ୍ତି ବିଚାରରୁ ମୁକ୍ତ କରିବା କ୍ଷେତ୍ରରେ ଏକ ବ୍ୟତିକ୍ରମ (Break), ସେହିଭଳି ସ୍ୱାଧୀନତା ଆନ୍ଦୋଳନ ମଧ୍ୟରେ ହିନ୍ଦୁ ଧର୍ମଭିତ୍ତିକ ଜାତୀୟତାବାଦ (Hindu Religion Oriented Nationalism) ଏବଂ ଧର୍ମ ସହ ଆପୋଷମୁଖୀ ଜରାଗ୍ରସ୍ତ ମାନବତାବାଦୀ ଚିନ୍ତାଭାବନା କ୍ଷେତ୍ରରେ ଶରତଚନ୍ଦ୍ର ମଧ୍ୟ ଏକ ବ୍ୟତିକ୍ରମ (Break) । ଶରତଚନ୍ଦ୍ରଙ୍କ ସାହିତ୍ୟ ଚିନ୍ତା ଓ ଦୃଷ୍ଟିଭଙ୍ଗୀ ମୂଳତଃ ବସ୍ତୁତାନ୍ତ୍ରିକ । ତାଙ୍କ ସାହିତ୍ୟ ଚିନ୍ତାରେ ଯେତେବେଳେ ସେ ଧାରାବାହିକ ଭାବେ ବସ୍ତୁବାଦୀ ହୋଇ ରହିପାରି ନାହାନ୍ତି, ସେଠାରେ ସେ ସଂଶୟବାଦୀ (Agnostic) । କିନ୍ତୁ ଆଧ୍ୟାତ୍ମବାଦୀ ଚିନ୍ତା ଭାବନାକୁ କେବେହେଲେ ସେ ପ୍ରଶ୍ରୟ ଦେଇ ନାହାନ୍ତି କିମ୍ବା ଅତିପ୍ରାକୃତବାଦ ସହିତ ତାଙ୍କର ସାହିତ୍ୟ ଚିନ୍ତା ଓ ସାହିତ୍ୟ କର୍ମରେ ସେ କେବେ ବି





ସାଲିସ୍ କରି ନାହାନ୍ତି । ତତ୍କାଳୀନ ସମାଜ ପରିବେଶରେ ପ୍ରଗତି ଏବଂ ପ୍ରତିକ୍ରିୟାର ମାପକାଠିରେ ଆମକୁ ବିଚାର କରିବାକୁ ହେବ ଯେ, ଆମ ଦେଶର ସାମନ୍ତତନ୍ତ୍ର ଓ ସାମ୍ରାଜ୍ୟବାଦ ବିରୋଧି ଜାତୀୟ ମୁକ୍ତି ଆନ୍ଦୋଳନ ସମୟରେ ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଆପୋଷମୁଖୀ ଏବଂ ଆପୋଷହୀନ ଏହି ଯେଉଁ ଦୁଇଟି ଧାରା ଥିଲା, ତା ଭିତରୁ କେଉଁ ଧାରାଟି ଆଜିକାର ଦିନରେ ସମାଜ ପ୍ରଗତିର ଆନ୍ଦୋଳନ ସୃଷ୍ଟି କ୍ଷେତ୍ରରେ ସହାୟକ ହୋଇପାରେ ? କେଉଁ ଧାରାର କଣ୍ଟିନ୍ୟୁଟି (କ୍ରମ ବିକାଶ) ବା ଅଗ୍ରଗତିର ପରିଣତିରେ ଆଜିକାର ନୂତନ ଶ୍ରେଣୀ ଚେତନା, ପୁଞ୍ଜିବାଦ ବିରୋଧୀ ବିପ୍ଳବର ଚେତନା ଓ ସର୍ବହରା ସାଂସ୍କୃତିକ ଆନ୍ଦୋଳନକୁ ଜନ୍ମ ଦେବାରେ ସକ୍ଷମ ହୋଇପାରେ ? ଏହି ଦିଗରୁ ବିଚାର କଲେ ଜଣାଯିବ ଯେ, ଯୌବନୋଦ୍ଦୀପ୍ତ, ସିକ୍ୟୁଲାର ଓ ଆପୋଷହୀନ ବିପ୍ଳବାତ୍ମକ ମାନବତାବଦର ଅନ୍ତଃସ୍ୱର ଶରତଚନ୍ଦ୍ରଙ୍କର ସାହିତ୍ୟ ଚିନ୍ତା ଓ ମୂଲ୍ୟବୋଧ ଭିତରେ ପ୍ରତିଫଳିତ ହୋଇଛି ଏବଂ ଏକମାତ୍ର ସେହି ଧାରାର ପରିଣତିରେ ହିଁ ଆମ ଦେଶରେ ଆଜିକାର ସମୟରେ ସର୍ବହରା ସାଂସ୍କୃତିକ ଆନ୍ଦୋଳନ ଗଢ଼ିଉଠିପାରେ । ଯଦିଓ ଶରତଚନ୍ଦ୍ରଙ୍କର ଚିନ୍ତା ଚେତନା ଓ ମୂଲ୍ୟବୋଧଗୁଡ଼ିକର ଦୃଢ଼ ଭିତ୍ତି ଉପରେ ହିଁ ବର୍ତ୍ତମାନ କାଳର ସର୍ବହରା ସାଂସ୍କୃତିକ ଆନ୍ଦୋଳନ ଗଢ଼ି ଉଠିବ; ତଥାପି ଶରତ ଚିନ୍ତା ସହ ତାହାର ବିରୋଧ ବି ଅବଶ୍ୟମ୍ଭାବୀ ।

ତେଣୁ ମୁକ୍ତ କଣ୍ଠରେ ମୁଁ ଜୋର ଦେଇ ଏକଥା ବି କହିବି ଯେ ଆମ ଦେଶରେ ସାହିତ୍ୟ କ୍ଷେତ୍ରରେ ଶରତଚନ୍ଦ୍ର ହିଁ ଏକମାତ୍ର ସାହିତ୍ୟିକ, ଯିଏ କି ସେହି ସମୟରେ ସମାଜ ବିପ୍ଳବର ପତାକାକୁ ଉର୍ଦ୍ଧୋତ୍ତଳିତ କରିଛନ୍ତି, ସମାଜ ବିପ୍ଳବର କର୍ତ୍ତବ୍ୟକୁ ସମ୍ପନ୍ନ କରିବା ପାଇଁ ଏକନିଷ୍ଠ ଭାବରେ ସଂଗ୍ରାମ କରିଛନ୍ତି । ଅନ୍ୟାନ୍ୟ ସାହିତ୍ୟିକମାନେ ସମାଜ ବିପ୍ଳବ ସମ୍ପର୍କରେ ବକ୍ତୃତା ଦେଇଛନ୍ତି, କିନ୍ତୁ ସାହିତ୍ୟ କ୍ଷେତ୍ରରେ ସମାଜ ବିପ୍ଳବ ଘଟାଇବା ପାଇଁ ଯେଉଁ ବିଷୟଟି ଦରକାର ଥିଲା, ତାହା କରିନାହାନ୍ତି । ଅର୍ଥାତ୍ ଜନସାଧାରଣଙ୍କ ଭିତରେ ପୁରୁଣା ସମାଜର ଅସାରତା ସମ୍ପର୍କରେ ମଣିଷକୁ ନିଃସଂଶୟ ଭାବେ ଉପଲବ୍ଧି କରାଇବା ପାଇଁ ମଣିଷ ମନରେ ଦୁଃଖ ବେଦନା, କ୍ଷୋଭ ଓ ଉନ୍ନତତର ସମାଜ ପାଇଁ ଅଭାବବୋଧ ଗଢ଼ି ତୋଳିବା ଭଳି କାମଟିକୁ ସାହିତ୍ୟ ମାଧ୍ୟମରେ ସେମାନେ କରିପାରି ନାହାନ୍ତି । ଏକମାତ୍ର ଶରତଚନ୍ଦ୍ର ହିଁ ଏ ଦେଶରେ ସାର୍ଥକତାର ସହ ଏହି କାମଗୁଡ଼ିକ କରିଛନ୍ତି । ତେଣୁ ଦେଖାଯାଏ ଯେ ତତ୍କାଳୀନ ପୁରୁଣା ସମାଜର ବଡ଼ପଣ୍ଡାମାନେ ସର୍ବାପେକ୍ଷା ବେଶୀ





ଆଘାତ କରିଛନ୍ତି ଶରତଚନ୍ଦ୍ରଙ୍କୁ । ରକ୍ଷଣଶୀଳ ହିନ୍ଦୁ ସମାଜ ଶରତ ଚିନ୍ତାର ବିରୋଧୀ ଥିଲା । ଅଥଚ ତତ୍‌କାଳୀନ ସମୟରେ ହିନ୍ଦୁ ସମାଜର କୂପମଣ୍ଡୁକତା ବିରୁଦ୍ଧରେ ବ୍ରାହ୍ମମାନେ ବି କିଛି କମ୍ କଥା କହି ନାହାନ୍ତି । କିନ୍ତୁ ରକ୍ଷଣଶୀଳ ହିନ୍ଦୁ ସମାଜ ଏହାକୁ ଭ୍ରୂକ୍ଷେପ କରି ନାହାନ୍ତି କିମ୍ବା ସେମାନଙ୍କ ଦ୍ୱାରା ପ୍ରଭାବାନ୍ୱିତ ସାହିତ୍ୟିକଙ୍କୁ ବିଷୋଦ୍‌ଗାର ବି କରି ନାହାନ୍ତି । କାରଣ ସେମାନେ ବୁଝିପାରିଥିଲେ ଯେ ସମାଜର ଅନ୍ତଃସତ୍ତାକୁ ଏହିସବୁ ସାହିତ୍ୟିକମାନେ ସ୍ପର୍ଶ କରିପାରି ନାହାନ୍ତି । ବଙ୍ଗଳା ସମାଜର ମାଟିକୁ ସ୍ପର୍ଶକରି ମଣିଷର ମାନସିକତାର ପରିବର୍ତ୍ତନ କରିବା ପାଇଁ ଯେଉଁ ସାହିତ୍ୟ ହିନ୍ଦୁ ସମାଜ ବିରୁଦ୍ଧରେ କାମ କରିଛି ଏବଂ ତାହାର ପୁରୁଣା ଆଚାର, ରୀତିନୀତିଗୁଡ଼ିକୁ ବିରୁଦ୍ଧାଚରଣ କରିଛି– ତାହା ହେଉଛି ଏକମାତ୍ର ଶରତ ସାହିତ୍ୟ ଓ ଶରତ ଚିନ୍ତା ।

ଏହିଭଳି ଜଣେ ସାହିତ୍ୟିକଙ୍କୁ ବଙ୍ଗଳା ସାହିତ୍ୟର ଜଣେ ସମାଲୋଚକ କହିଛନ୍ତି ‘ପାକଶାଳାର ସାହିତ୍ୟିକ’ । ଆଜିକାଲି ଶରତଚନ୍ଦ୍ରଙ୍କ ସମ୍ପର୍କରେ ଏ ଧରଣର ସମାଲୋଚନା ହିଁ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ପଢୁଛନ୍ତି । ମହାପଣ୍ଡିତ ନ ହୋଇ ଆଉ ଏମାନେ ହେବେ କ’ଣ ? ଶରତ ସାହିତ୍ୟରେ କୁଆଡ଼େ କୌଣସି ତତ୍ତ୍ୱ ଏବଂ ସୁଚିନ୍ତିତ ଜୀବନଦର୍ଶନ ନାହିଁ । ଏକଥା ଠିକ୍ ଯେ ଶରତଚନ୍ଦ୍ର ତାଙ୍କର ଗଳ୍ପ ଉପନ୍ୟାସରେ ସାଧାରଣ ମଣିଷର ବୋଧଗମ୍ୟ ନ ହେଲାଭଳି ବଡ଼ ବଡ଼ କଥା କହି ନାହାନ୍ତି । ସେ ରସ ସୃଷ୍ଟି ମାଧ୍ୟମରେ ବ୍ୟଥା-ବେଦନା ଉଦ୍ରେକ କରି ଉଚ୍ଚ ଚିନ୍ତା ବା ଭାବନାଧାରଣାର ବିଷୟଗୁଡ଼ିକୁ ମଣିଷ ମନରେ ଗୁନ୍ଥି ଦେବାକୁ ଚାହିଁଛନ୍ତି । ଯଦ୍ଦ୍ୱାରା କି ଏସବୁ ବିଷୟ ବୁଝିବା ପାଇଁ ବୁଦ୍ଧିର ଆଶ୍ରୟ ନେବାକୁ ନପଡ଼େ । ତତ୍ତ୍ୱ ବିଚାର ଆଲୋଚନା ଜରିଆରେ ଯେଉଁମାନେ ବୁଦ୍ଧିଦ୍ୱାରା ଏସବୁ ଗ୍ରହଣ କରିପାରିବେ ସେମାନଙ୍କ ପାଇଁ ତ ତତ୍ତ୍ୱ ଆକାରରେ ଜ୍ଞାନ-ବିଜ୍ଞାନର ବହି ସବୁ ରହିଛି । ତେବେ ସାହିତ୍ୟର ପ୍ରୟୋଜନ କ’ଣ ?

ତତ୍ତ୍ୱ ବିଚାର ମାଧ୍ୟମରେ ଯେଉଁ ସତ୍ୟପୋଲବ୍ଧି ଓ ଉନ୍ନତ ଭାବନା ଧାରଣାଗୁଡ଼ିକ ଗଢ଼ି ଉଠିଛି, ରସୋତ୍ତୀର୍ଣ୍ଣ କରି ତାହାକୁ ଗଳ୍ପ ମାଧ୍ୟମରେ ବିଭିନ୍ନ ଶାଖାପ୍ରଶାଖାରେ, ଖେଳାଇବା ମଣିଷର ସୂକ୍ଷ୍ମ ଅନୁଭୂତି ମାଧ୍ୟମରେ ତା ପାଇଁ ଜାଗା ତିଆରି କରିଦେବା- ସାହିତ୍ୟର ଆବଶ୍ୟକତା ତ ଏଇଠି । ଯେଉଁମାନେ ସେଭଳି ଶିକ୍ଷାର ଭିତ୍ତି ଏବଂ କ୍ଷମତା ନ ଥିବା ଯୋଗୁ ଯୁକ୍ତି ବା ବୁଦ୍ଧି ଦେଇ ବଡ଼ ବଡ଼ କଥାଗୁଡ଼ିକ ଗ୍ରହଣ କରି ପାରନ୍ତି ନାହିଁ;





ରସସୃଷ୍ଟି ମାଧ୍ୟମରେ ବ୍ୟଥା ବେଦନା ଜଗାଇ ଦେଇ ସେହି ବଡ଼ ବଡ଼ କଥାଗୁଡ଼ିକ ସେମାନଙ୍କ ମନରେ ବି କିଛିଟା ଗୁନ୍ଥି ଦେବା । ଏହି କାମଟି କରିବା ପାଇଁ ତ ସାହିତ୍ୟ ପ୍ରୟୋଜନ । ଯେମିତି ଧରନ୍ତୁ, ମାନବତାବାଦ ଏକ ସମୟରେ 'ଏଥିକାଲ ମଦରହୁଡ଼' (ନୈର୍ବ୍ୟକ୍ତିକ ମାତୃତ୍ୱବୋଧ) ଧାରଣାକୁ ଜନ୍ମ ଦେଇଛି । ଶରତଚନ୍ଦ୍ର ଜାଣିଥିଲେ ଏହିସବୁ ତତ୍ତ୍ୱ ବହୁ ବହିରେ ଲୁଚି ରହିଛି- ଲୋକେ ତାହାକୁ ପଢ଼ି ଅନେକ ସମୟରେ ଅସଲ ବିଷୟଟି ବୁଝି ପାରନ୍ତି ନାହିଁ । ତେଣୁ ଜୀବନକୁ କେନ୍ଦ୍ରକରି ଯେଉଁ ଘାତ ପ୍ରତିଘାତର ସୃଷ୍ଟି ହୁଏ, ମଣିଷ ସମ୍ପର୍କ ଭିତରେ ଯେଉଁ ଜଟିଳତା ଗଢ଼ି ଉଠେ, ମଣିଷ ମନରେ ଯେଉଁ ଅନୁଭୂତି ଓ ହୃଦୟାବେଗ ଜନ୍ମନିଏ, ତା ଉପରେ ଆଧାର କରି ସେଥିରେ ସୂକ୍ଷ୍ମ ରସର ଉପଲବ୍ଧି ଘଟାଇ ଏବଂ ବ୍ୟଥା ବେଦନା ଜଗାଇ ଦେଇ ମଣିଷ ମନରେ ସେହି ଯୁଗର ବଡ଼ ବଡ଼ ତତ୍ତ୍ୱଗୁଡ଼ିକୁ ସେ ଗୁନ୍ଥିଦେବାକୁ ଚାହିଁଛନ୍ତି । ବୁଦ୍ଧି ଦେଇ ପଢ଼ାପଢ଼ି କରି ଯେଉଁମାନେ ବୁଝି ପାରନ୍ତି, ସେମାନେ ତ ପାରିବେ କିନ୍ତୁ ଯେଉଁମାନେ ସେଭଳି ଭାବେ ବୁଝି ପାରନ୍ତି ନାହିଁ, ଜନସାଧାରଣଙ୍କର ସେହି ବିରାଟ ଅଂଶଟି ଯେମିତି ରସ ମାଧ୍ୟମରେ ସେଇଭଳି ବଡ଼ ବଡ଼ ବିଷୟର ସନ୍ଧାନ ପାଆନ୍ତି, ଆଉ ରସୋପୋଲବ୍ଧି ଜରିଆରେ କୌଣସି ମଣିଷ ଯଦି ବଡ କଥାର ସନ୍ଧାନ ଥରେ ପାଇଯାଏ ତେବେ କିଛି ନ ବୁଝି ବି ସେ କିଛିଟା ବଦଳି ଯାଏ । ମହିଳାମାନେ 'ଏଥିକଲ ମଦରହୁଡ଼' କ'ଣ, ସେ ସମ୍ପର୍କରେ ତତ୍ତ୍ୱ ଜାଣିବା ଅର୍ଥରେ ଗୋଟିଏ ବି କଥା ନ ଜାଣି 'ଏଥିକଲ ମଦରହୁଡ଼'ର ଗୁଣାବଳୀ ଆଡ଼କୁ ଆକର୍ଷିତ ହେବାକୁ ଲାଗିବେ । ଗଳ୍ପ ମଧ୍ୟ ଦେଇ ଏହି 'ଏଥିକଲ ମଦରହୁଡ଼'ର ଧାରଣାକୁ କେନ୍ଦ୍ରକରି ଯେଉଁସବୁ ଚରିତ୍ର ଗଢ଼ି ଉଠିଛି, ସେହି 'ବିନ୍ଦୁ' ଆଡ଼କୁ ସେମାନଙ୍କର ଆକର୍ଷଣ ହେବ, ସାଥେ ସାଥେ ଯାଦବ ଆଡ଼କୁ ସେମାନେ ଆକର୍ଷିତ ହେବେ, ମାଧବକୁ ବି ସେମାନେ ବୁଝିବାକୁ ଚାହିଁବେ । ଏହିଭାବରେ ଶରତଚନ୍ଦ୍ର ବ୍ୟଥା ବେଦନା ଜଗାଇ ଦେଇ ଏବଂ ବଡ଼ ଜିନିଷକୁ ପାଇବା ପାଇଁ ମାନସିକ ଅଭାବବୋଧ ସୃଷ୍ଟିକରି ସମସ୍ୟାଟିକୁ ଧରାଇବା ପାଇଁ ଚାହିଁଛନ୍ତି । ପୃଷ୍ଠାପରେ ପୃଷ୍ଠା ବ୍ୟାଖ୍ୟା କରି ତାଙ୍କର ଲେଖାକୁ ଭାରାକ୍ରାନ୍ତ କରିବାକୁ ଚାହିଁ ନାହାନ୍ତି । ଯେମିତି ଧରନ୍ତୁ ଶିକ୍ଷିତା ମହିଳାମାନେ 'ଏଥିକସ' କ'ଣ, 'ଏଥିକଲ ମଦରହୁଡ଼' କ'ଣ, ସେ ସମ୍ପର୍କରେ ଅସଂଖ୍ୟ ବକ୍ତୃତା ଶୁଣି ବି ଯେଉଁ ବିଷୟଟି ଆୟତ୍ତ କରିପାରନ୍ତି ନାହିଁ- 'ମଝିଆ ଦିଦି'ର ହେମାଙ୍ଗିନୀ 'ବିନ୍ଦୁର ପୁଅ'ର ବିନ୍ଦୁବାସିନୀ ଓ 'ରାମର ସୁମତି'ର ନାରାୟଣୀ ତାହା ଆୟତ୍ତ କରିଛନ୍ତି, ମନର ସମ୍ପଦ ଦେଇ । ନାରାୟଣୀର ସ୍ୱାମୀ ଏବଂ

ମା ଏଥିରୁ ତାକୁ ବିଚ୍ୟୁତ କରି ପାରନ୍ତି ନାହିଁ । କୌଣସି ହୀନ ସ୍ୱାର୍ଥବୋଧ ଏଥିରୁ ତାଙ୍କୁ ବିଚ୍ୟୁତ କରିପାରେ ନା । ଶରତ ସାହିତ୍ୟର ଏହିସବୁ ନାରୀ ଚରିତ୍ର କୌଣସି ରକ୍ତ ସମ୍ପର୍କ ନଥାଇ ବି ଯେଉଁମାନଙ୍କୁ ସନ୍ତାନ ଭାବେ ଦେଖିଛନ୍ତି, ସେହି ସନ୍ତାନମାନଙ୍କ ପ୍ରତି ସେମାନେ ସମସ୍ତ ଦାୟିତ୍ୱ ପାଳନ କରିଛନ୍ତି । ବିନିମୟରେ ପ୍ରକୃତ ନୈର୍ବ୍ୟକ୍ତିକ ମାତୃତ୍ୱର (Impersonal Motherhood) ଆସ୍ୱାଦନ ସେମାନେ ପାଇଛନ୍ତି । ଶରତଚନ୍ଦ୍ର ଯେଉଁ ଦିଗଗୁଡ଼ିକୁ ଏହିସବୁ ଗପ ମଧ୍ୟରେ ତୋଳି ଧରିବାକୁ ଚାହିଁଛନ୍ତି, ତାହା ହେଲା ଜଣେ ମହିଳା ଯଦି ପ୍ରକୃତରେ ଜୀବନରେ ନୈର୍ବ୍ୟକ୍ତିକ ମାତୃତ୍ୱର (Impersonal Motherhood) ସନ୍ଧାନ ପାଏ- ତେବେ ତାହାର ପ୍ରକୃତି ଏବଂ ରୂପ-ରସ-ଗନ୍ଧ କିଭଳି ହୁଏ, ନିଜର ସନ୍ତାନ ଏବଂ ଅନ୍ୟର ସନ୍ତାନ ଭିତରେ ଭେଦାଭେଦ ତା ନିକଟରେ କେଉଁଠି ରହେ- ଏସବୁ ସେ ସ୍ତରେ ସ୍ତରେ ଦର୍ଶାଇବାର ଚେଷ୍ଟା କରିଛନ୍ତି । ଏଗୁଡ଼ିକ କ'ଣ କେବଳ ଗଳ୍ପ ? ଗଳ୍ପଗୁଡ଼ିକ ମଧ୍ୟରେ ନାରୀର ମର୍ଯ୍ୟାଦାବୋଧର ଯେଉଁ ଛବି ଏଥିରେ ଅଙ୍କିତ ହୋଇଛି, ତାହା ସମସ୍ତଙ୍କୁ ତେଣୁ ଭଲ ଲାଗେ । କୌଣସି ମହିଳା 'ମଝିଆ ଦିଦି' ପଢ଼ି ମଝିଆ ଦିଦିର 'ବଡ଼ ଯା'ର ଚରିତ୍ରକୁ ଅନୁସରଣ କରିବାକୁ ଚାହିଁବ ନାହିଁ । ମହିଳାମାନେ ହେମାଙ୍ଗିନୀ ବା ନାରାୟଣୀ ଭଳି ହୋଇପାରନ୍ତୁ ବା ନ ପାରନ୍ତୁ ଏହି ଗପଗୁଡ଼ିକ ପଢ଼ିଲେ ହିଁ ସେମାନଙ୍କ ଭିତରେ ନାରାୟଣୀ ଭଳି ବା ମଝିଆ ଦିଦି ଭଳି ହେବାର ଆକାଂକ୍ଷା ଜାଗ୍ରତ ହେବ । ଏହି ଆକାଂକ୍ଷା ସୃଷ୍ଟି ହେବାର ଅର୍ଥ କ'ଣ ? ମଝିଆ ଦିଦି ଏବଂ ନାରାୟଣୀ ଭଳି ଚାରିତ୍ରିକ ମାନ ଅର୍ଜନ କରିବା ପାଇଁ ଘରର ଝିଅ ବୋହୂଙ୍କ ମଧ୍ୟରେ ଯଦି ପ୍ରବଳ ଆକାଂକ୍ଷା ଜାଗେ- ସେମାନେ ଏଭଳି ହେବା ଉଚିତ ବା ଏହାକୁ ଯଦି ଭଲ ବୋଲି ମନେ କରନ୍ତି- ତାହାହେଲେ ସମସ୍ତ ପରିବାର ଭିତରେ ନାରୀ ଜାଗୃତିର ଏକ ପ୍ରକୃତ ଆନ୍ଦୋଳନ ପ୍ରବେଶ କଲା । ସମାଲୋଚକମାନେ ଏସବୁ ଦେଖିବାକୁ ପାଆନ୍ତି ନାହିଁ । ଶରତ ସାହିତ୍ୟରେ କୌଣସି ତତ୍ତ୍ୱ ନାହିଁ ବୋଲି ସେମାନେ ସମାଲୋଚନା କରନ୍ତି । ଆଉ ସେହି ତତ୍ତ୍ୱର କଥାଗୁଡ଼ିକ ଯେତେବେଳେ ଶରତଚନ୍ଦ୍ର ଏଭଳି ଅପୂର୍ବ କୌଶଳ ସହକାରେ ଘର ଭିତରେ ଭର୍ତ୍ତି କରିଦେଲେ, ତାହା ହୋଇଗଲା ତତ୍ତ୍ୱ ବିବର୍ଜିତ । ଏହା ଏକ ବିଚିତ୍ର ଅନ୍ତଃସାରଶୂନ୍ୟ ଇଣ୍ଟେଲେକ୍‌ଚୁଆଲ ମାନସିକତା ।...

... ସାହିତ୍ୟିକ ଶିଳ୍ପଶୈଳୀ ଓ ସାହିତ୍ୟ ଚିନ୍ତା ଉଭୟ ଅଲଗା ବିଷୟ । କୌଣସି ସାହିତ୍ୟିକର ସାହିତ୍ୟ ବିଚାର କ୍ଷେତ୍ରରେ ଏହି ଉଭୟ ଦିଗକୁ ଏକା ସାଙ୍ଗରେ ମିଶାଇ





ଦେଇ ଗୋଳମାଳ କରିବା ଉଚିତ ନୁହେଁ । ଗୋଟିଏ ତାଙ୍କର ଚିନ୍ତାର ଦିଗ ଓ ଅନ୍ୟଟି ତାଙ୍କର ସାହିତ୍ୟକୁ ରସୋତ୍ତୀର୍ଣ୍ଣ କରିବାର ଦିଗ । କେତେ ଉଚ୍ଚମାନର ରସ ସୃଷ୍ଟି କରିବାକୁ ସେ ସକ୍ଷମ, କେତେ ସୂକ୍ଷ୍ମ ରସର କାରବାର କରିବାକୁ ସକ୍ଷମ; ଏହି ଦିଗରୁ ବି ଯଦି ବିଚାର କରାଯାଏ, ତେବେ ଦେଖାଯିବ, ଶରତ ସାହିତ୍ୟରେ ଏହି ରସ ନିବେଦନ କରିବାର ପ୍ରକ୍ରିୟା ଏତେ ସୂକ୍ଷ୍ମ ଯେ ମଣିଷ କିଛି ନ ବୁଝି ବି କେବଳ ରସ ଗ୍ରହଣ କରୁ କରୁ କେତେକାଂଶରେ ଏହାଦ୍ୱାରା ବଦଳିଯାଏ । ଏହି କ୍ଷମତାର ଦିଗରୁ ତଦାନୀନ୍ତନ ସାହିତ୍ୟିକମାନଙ୍କ ମଧ୍ୟରେ ଶରତଚନ୍ଦ୍ର ଥିଲେ ସର୍ବଶ୍ରେଷ୍ଠ । ତେଣୁ ସାହିତ୍ୟ ଶିଳ୍ପ ଶୈଳୀରେ ସେ ଥିଲେ ସର୍ବଶ୍ରେଷ୍ଠ- ଏହା ମୁଁ ନିଃସଂଶୟଭାବେ କହିପାରେ ।

ତତ୍ତ୍ୱର ବଡ଼ ବଡ଼ କଥାଗୁଡ଼ିକୁ ନେଇ ଗୁରୁଗମ୍ଭୀର ଆଲୋଚନା କରିବା ସାହିତ୍ୟିକର କାମ ନୁହେଁ, କାରଣ ସେ ରସସ୍ରଷ୍ଟା । ଏହିଠାରେ ହିଁ ସାହିତ୍ୟିକର ଯଥାର୍ଥ ସାର୍ଥକତା । ତେଣୁ ଗୋଟିଏ କଥା ମୋର ବାରମ୍ବାର ମନେ ହୋଇଛି, ଯେଉଁମାନେ ସାହିତ୍ୟ ଭିତରେ କେବଳ ବଡ଼ ବଡ଼ କଥା ଖୋଜିବାକୁ ଯାଆନ୍ତି ଏବଂ ସେହି ମାପକାଠିରେ ସାହିତ୍ୟର ମୂଲ୍ୟ ବିଚାର କରନ୍ତି, ସେମାନେ ସାହିତ୍ୟ ବିଚାର କ୍ଷେତ୍ରରେ ଅଯୋଗ୍ୟ ପାତ୍ର । କାରଣ ସାହିତ୍ୟର ମୂଲ୍ୟ କେତେ ଗୁଡ଼ିଏ ବଡ଼ ବଡ଼ କଥାପାଇଁ ନୁହେଁ । ସମାଜରେ ତାହାର କାର୍ଯ୍ୟକାରୀତା ଭିନ୍ନ ସ୍ଥାନରେ । ବଡ଼ ବଡ଼ କଥା କହିବା ଲୋକର ଅଭାବ ଦୁନିଆରେ କୌଣସି ଦିନ ହୋଇ ନାହିଁ । ସାହିତ୍ୟିକମାନଙ୍କ ଠାରୁ ବି ସେ କ୍ଷେତ୍ରରେ ଅନେକ ବଡ଼ ବଡ଼ ଲୋକ ସମାଜରେ ଅଛନ୍ତି । ସେଥିପାଇଁ ଦାର୍ଶନିକମାନେ ଅଛନ୍ତି, ଅର୍ଥନୀତିଜ୍ଞମାନେ ଅଛନ୍ତି, ରାଜନୈତିକ ଚିନ୍ତାବିଦ୍‌ମାନେ ଅଛନ୍ତି, ବିଭିନ୍ନ ଶାସ୍ତ୍ରର ସୁପଣ୍ଡିତମାନେ ବି ଅଛନ୍ତି । କିନ୍ତୁ ସେମାନେ ଯେଉଁ କାମଟି କରି ପାରନ୍ତି ନାହିଁ, ସେହି କାମଟି କରନ୍ତି ସାହିତ୍ୟିକ । ସେଇ କ୍ଷେତ୍ରରେ ସେମାନଙ୍କର ବି ଶ୍ରଦ୍ଧାର ପାତ୍ର ହେଲେ ସାହିତ୍ୟିକ । ସେମାନଙ୍କର ପୂଜନୀୟ ହେଲେ ସାହିତ୍ୟିକ । ଯେଉଁ କ୍ଷେତ୍ରରେ ଆମେ ଅକ୍ଷମ, ସେହିଠାରେ ହିଁ ସାହିତ୍ୟିକର କାର୍ଯ୍ୟକାରୀତା । ଯେଉଁ କଥାଗୁଡ଼ିକ ଦାର୍ଶନିକମାନେ, ଚିନ୍ତାନାୟକମାନେ ବୁଝାଇବାକୁ ଚାହାନ୍ତି, ସାହିତ୍ୟିକ ସେଗୁଡ଼ିକୁ ଏଭଳି ଭାବେ ମଣିଷକୁ ରସ ମାଧ୍ୟମରେ ବିଭିନ୍ନ ଦିଗରୁ ଖେଳାଇ ବୁଲାଇ କହନ୍ତି ଯେ, ମଣିଷ ବୁଦ୍ଧି ଦ୍ୱାରା ଯଦି ତାହା ଗ୍ରହଣ କରି ନପାରେ, ରସଗ୍ରହଣ କରୁ କରୁ ବାକ୍ୟବିନ୍ୟାସଗୁଡ଼ିକୁ ବାରମ୍ବାର ଚର୍ଚ୍ଚା କରୁ କରୁ ଓ ଡାୟଲଗଗୁଡ଼ିକୁ ଆୟତ୍ତ କରୁ କରୁ, ସେଥିରେ ଅଭ୍ୟସ୍ତ ହୋଇଯାଇ କେତେକାଂଶରେ





ତାର ମାନସିକ ପରିବର୍ତ୍ତନ ଘଟିଯାଏ । ଫଳରେ ସମାଜର ଏହି ମାନସିକ ବିପ୍ଳବ, ସାଂସ୍କୃତିକ କ୍ଷେତ୍ରରେ ବିପ୍ଳବ ଆଣିବା ପାଇଁ ସାହିତ୍ୟ ତ ଏକ ଅତ୍ୟନ୍ତ ସଫଳ ଆୟୁଧ ।

ତେଣୁ ସ୍ୱାଧୀନତା ଆନ୍ଦୋଳନ ହେଉ, ସମାଜତାନ୍ତ୍ରିକ ବିପ୍ଳବ ହେଉ ବା ସମାଜର ଆମୂଳଚୂଳ ପରିବର୍ତ୍ତନ ହେଉ, ଯାହା ରାଜନୈତିକ ଆନ୍ଦୋଳନର ଆବହାୱାରେ ଆସିବ ତାହାର ମାନସିକ ଭିତ୍ତି ସୃଷ୍ଟି କରିବାପାଇଁ ସାହିତ୍ୟିକମାନଙ୍କର ପ୍ରୟୋଜନ ରହିଛି । ସେହିଠାରେ ହିଁ ତାଙ୍କର ପ୍ରଗତିଶୀଳ ଭୂମିକା । ଏହି ଦିଗରୁ ବିଚାର କଲେ ଭାରତବର୍ଷରେ ଯେତେବେଳେ ରେନେସାଁ ଆନ୍ଦୋଳନ ଏବଂ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ଚାଲିଛି, ସମାଜ ବିପ୍ଳବର ଆନ୍ଦୋଳନ ଚାଲିଛି, ସେତେବେଳେ ତାହାର ପରିପୂରକ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ଶରତଚନ୍ଦ୍ର ହିଁ ସବୁଠାରୁ ଅଗ୍ରଣୀ ଭୂମିକା, ସମସ୍ତଙ୍କଠାରୁ ଅଧିକ ପ୍ରଗତିଶୀଳ ଭୂମିକା ପାଳନ କରିଛନ୍ତି ।

ଶରତଚନ୍ଦ୍ର ତାଙ୍କ ସାହିତ୍ୟରେ ତତ୍ତ୍ୱର ବଡ଼ କଥାଗୁଡ଼ିକ କହିଛନ୍ତି; କିନ୍ତୁ କହିଛନ୍ତି ଗଳ୍ପ ରଚନା କରି, ରସ ସୃଷ୍ଟି ମାଧ୍ୟମରେ । ସେ ତତ୍ତ୍ୱ କଥା ଲେଖି କେଉଁଠାରେ ବୁଝାଇବାକୁ ଚାହିଁ ନାହାନ୍ତି- 'ମୁଁ ଏଇଠି ଏହି ଆଲୋଚନା କରୁଛି, ଏଇ ବକ୍ତବ୍ୟ ରଖୁଛି ।' ସାହିତ୍ୟିକଭାବେ ଏଇଠାରେ ହିଁ ତାଙ୍କର ସାର୍ଥକତା ସବୁଠାରୁ ବେଶି ।

ତତ୍ତ୍ୱ ଆଲୋଚନା ମୁଁ ବି ହୁଏତ କିଛି କିଛି କରିପାରେ । ଜ୍ଞାନ ବିଜ୍ଞାନର ବିଭିନ୍ନ ଶାଖାରୁ ଏଭଳି କିଛି କଥା କହିପାରେ ଯାହା ଶୁଣିଲେ ହତବାକ୍ ହେବାକୁ ପଡ଼ିବ । କିନ୍ତୁ ମୁଁ ବି ସାହିତ୍ୟିକର ଦରବାରରେ ଧାରଣା ଦିଏ, ଭିକ୍ଷାମାଗେ । ତା ନ ହେଲେ ବଡ଼ କଥା ଶୁଣିବା ପାଇଁ ରବୀନ୍ଦ୍ରନାଥଙ୍କ ଦ୍ୱାରକୁ ବି ଯାଏ ନା ବା ଗେଟେଙ୍କ ଦ୍ୱାରକୁ ଯିବା ଦରକାର ପଡ଼େନା । ମୁଁ ଜାଣେ ମୋର ଏକଥା ଶୁଣି ହୁଏତ ଅନେକ ରାଗିଯାଇ ପାରନ୍ତି । କିନ୍ତୁ ଏକଥା ସତ୍ୟ ଯେ ଚିନ୍ତା ପାଇଁ ରବୀନ୍ଦ୍ରନାଥ ବା ଗେଟେଙ୍କ ନିକଟକୁ ଆମକୁ ଯିବାକୁ ପଡ଼େନା । ସେମାନଙ୍କ ପାଖକୁ ଆମକୁ ଯିବାକୁ ପଡ଼େ ଅନ୍ୟ କାରଣରୁ । ଲେନିନ୍‌ଙ୍କ ଭଳି ବ୍ୟକ୍ତିଙ୍କୁ ଯିବାକୁ ପଡ଼ିଛି ସାହିତ୍ୟିକର ଦରବାରକୁ । ମୋତେ ବି ଯିବାକୁ ପଡୁଛି । ସବୁ ଦେଶର ସର୍ବକାଳର ସମସ୍ତ ଚିନ୍ତାନାୟକମାନଙ୍କୁ ଯିବାକୁ ପଡ଼େ । ଏହି କାରଣରୁ ଯିବାକୁ ହୁଏ ଯେ ସେମାନଙ୍କର ବି ଏକ ଅଭାବବୋଧ ରହିଛି । ସେହି ଅଭାବବୋଧ ସେମାନେ ସାହିତ୍ୟର ରସ ମାଧ୍ୟମରେ ପୂରଣ କରନ୍ତି । ଆଉ ତାଛଡ଼ା ସମାଜ ଭିତରକୁ ଯେଉଁସବୁ

ଚିନ୍ତା ଭାବନା ଓ ଧ୍ୟାନ ଧାରଣାଗୁଡ଼ିକୁ ଆମେ ବହନ କରିନେଇ ଯିବାକୁ ଚାହୁଁ ସାହିତ୍ୟିକ ରସ ସୃଷ୍ଟି ମାଧ୍ୟମରେ ସେଇ ଚିନ୍ତା ଭାବନାଗୁଡ଼ିକୁ ସାମାଜିକ ଚେତନା ମଧ୍ୟକୁ ନେଇ ଯାଆନ୍ତି, ଯାହା ଆମେ ପାରୁନା । ସେହି ସବୁ କ୍ଷେତ୍ରରେ ସେମାନେ ଆମଠାରୁ ବଡ଼ କ୍ଷମତାର ଅଧିକାରୀ । ସେଇଥିପାଇଁ ଆମେ ତାଙ୍କର ପୂଜାରୀ, ଆମେ ତାଙ୍କୁ ଶ୍ରଦ୍ଧା କରୁ । ତେଣୁ ସବୁ ଯୁଗରେ ଦେଖାଯାଇଛି ବଡ଼ ସାହିତ୍ୟିକମାନେ ବଡ଼ ଚିନ୍ତାନାୟକମାନଙ୍କୁ ମାନନ୍ତି । ପୁଣି ବଡ଼ ଚିନ୍ତାନାୟକମାନେ ବଡ଼ ସାହିତ୍ୟିକମାନଙ୍କର ମୂଲ୍ୟ ବୁଝନ୍ତି ଓ ଶ୍ରଦ୍ଧାର ଆସନରେ ବସାନ୍ତି । ଛୋଟ ସାହିତ୍ୟିକମାନଙ୍କର ହିଁ ଅହଂବୋଧ ରହିଛି । ତେଣୁ ସେମାନେ ବଡ଼ ଚିନ୍ତା ନାୟକମାନଙ୍କୁ ଅସ୍ୱୀକାର କରିବାକୁ ଚାହାଁନ୍ତି । କିନ୍ତୁ କୌଣସି ଦେଶର ବଡ଼ ସାହିତ୍ୟିକ ସେ ଯୁଗର ବଡ଼ ଚିନ୍ତାନାୟକମାନଙ୍କୁ ଅଶ୍ରଦ୍ଧା କରନ୍ତି ନାହିଁ । କାରଣ ସେମାନେ ପରସ୍ପର ପରସ୍ପରର ପ୍ରୟୋଜନ ବୁଝନ୍ତି ଏବଂ ବୁଝନ୍ତି କେଉଁଠାରେ କାହାର ଗୁରୁତ୍ୱ । ତେଣୁ ଶରତ ସାହିତ୍ୟରେ ଯେଉଁମାନେ ବଡ଼ ବଡ଼ କଥା ଖୋଜିବାକୁ ଯାଇଛନ୍ତି ସେମାନେ ଶରତଚନ୍ଦ୍ରଙ୍କୁ ବୁଝି ପାରିନାହାନ୍ତି । ଆଉ ନ ବୁଝି ପାରି ସେମାନଙ୍କ ଭିତରୁ ଅନେକ ତାଙ୍କୁ 'ପାକଶାଳାର ସାହିତ୍ୟିକ' ଆଖ୍ୟା ଦେଇଛନ୍ତି । ଏମାନଙ୍କ ପ୍ରତି ପ୍ରକୃତରେ କରୁଣା ଜାତ ହୁଏ । ପୁଣି ଯେଉଁମାନେ ଶରତଚନ୍ଦ୍ରଙ୍କୁ ପ୍ରଶଂସା କରିଛନ୍ତି ସେମାନେ ବି ଶରତ ସାହିତ୍ୟର ଯଥାର୍ଥ ମର୍ମାର୍ଥ ଓ ଗୁରୁତ୍ୱ ଅନୁଭବ କରି ନପାରିବା ଫଳରେ ସେମାନେ ବି ତାଙ୍କୁ କେବଳ 'ସରସ ଗଳ୍ପ ଲେଖକ', 'ଦରଦୀ ଲେଖକ' ବା 'କଥା ସାହିତ୍ୟିକ' ଆଖ୍ୟା ଦେଇଛନ୍ତି ।

... ୟୁରୋପୀୟ ରେନେସାଁର ପ୍ରାରମ୍ଭିକ କାଳର ଇତିହାସ ଅନୁଧ୍ୟାନ କଲେ ଦେଖାଯିବ ଯେ ସେହି ଆନ୍ଦୋଳନର ରୂପ ସେତେବେଳେ ମୂଳତଃ ଥିଲା 'ସିକ୍ୟୁଲାର', ବିପ୍ଳବାତ୍ମକ ଏବଂ ଯୌବନୋଦ୍ଦୀପ୍ତ । ଏହି ରେନେସାଁ ଆନ୍ଦୋଳନ ଧର୍ମ ଓ ଆଧ୍ୟାତ୍ମବାଦୀ ଚିନ୍ତା ବିରୁଦ୍ଧରେ ଆପୋଷହୀନ ସ୍ୱରକୁ ପ୍ରତିଫଳିତ କରିଛି । ଏହି ରେନେସାଁ ଆନ୍ଦୋଳନର ଉଦ୍‌ଗାତାମାନଙ୍କର ବକ୍ତବ୍ୟ ଥିଲା- ଇତିହାସ, ଯୁକ୍ତି ବିଜ୍ଞାନ ଏବଂ ପ୍ରମାଣ ଭିତ୍ତିରେ ହିଁ ସତ୍ୟାନୁସନ୍ଧାନ କରିବାକୁ ହେବ । ସେଥିରେ ଯଦି କିଛି ଭୁଲ ତ୍ରୁଟି ଥାଏ ତ ଥାଉ । ଅବୋଧ୍ୟ କି ଅଜ୍ଞେୟ ଯଦି କିଛି ଥାଏ, ତେବେ ତାହା ତୁମେ ବି ଜାଣିପାରନା ମୁଁ ବି ଜାଣିପାରେନା । ଫଳରେ ତା ପଛରେ ଧାଇଁ ଲାଭ ନାହିଁ । ଆମ ଦେଶରେ ଶରତଚନ୍ଦ୍ରଙ୍କ ସାହିତ୍ୟ ଚିନ୍ତା କ୍ଷେତ୍ରରେ ୟୁରୋପୀୟ ରେନେସାଁ ଆନ୍ଦୋଳନର ପ୍ରଥମ ଯୁଗର ମାନବତାବାଦର ଆପୋଷହୀନ ଧାରାର ହିଁ ପ୍ରତିଫଳନ ଘଟିଛି । ସେଥିପାଇଁ ଶରତଚନ୍ଦ୍ର





ଥଟ୍ଟାକରି କହିଛନ୍ତି, 'ଯାହା ବୁଦ୍ଧି ବାହାରେ ତାହାକୁ ବୁଦ୍ଧିର ବାହାରେ ବୋଲି ହିଁ ତ୍ୟାଗ କରିବି । ମୁହଁରେ କହିବି ଅବ୍ୟକ୍ତ, ଅବୋଧ୍ୟ, ଅଜ୍ଞେୟ ଆଉ କଥାରେ କାମରେ ତାକୁ ହିଁ କହିବାକୁ ଚେଷ୍ଟା, ଜାଣିବାକୁ ଚେଷ୍ଟା କଦାପି କରିବି ନାହିଁ । ଯିଏ କରିବେ ତାଙ୍କୁ ବି ସହ୍ୟ କରିବି ନାହିଁ ।... ଯେଉଁ ମୁହଁରେ କହୁଛନ୍ତି ଜାଣିହୁଏନା, ସେହି ମୁହଁରେ ହିଁ ପୁଣି ଏତେ କଥା କହୁଛନ୍ତି ଯେମିତି ଏଇନେ ସବୁ ସ୍ୱଚକ୍ଷୁରେ ଦେଖି ଆସିଛନ୍ତି । ଯାହାକୁ କୌଣସି ପ୍ରକାରେ ଉପଲବ୍ଧି କରାଯାଇପାରେନା, ତାକୁ ଉପଲବ୍ଧି କରିବା ପାଇଁ ପୃଷ୍ଠାପରେ ପୃଷ୍ଠା ଗୋଟାକ ପରେ ଗୋଟିଏ ବହି ଲେଖି ଯାଉଛନ୍ତି । କାହିଁକି ? ନିର୍ଗୁଣ, ନିରାକାର, ନିର୍ଲିପ୍ତ, ନିର୍ବିକାର ଏସବୁ କେବଳ କଥାର କଥା: ଏହାର କୌଣସି ଅର୍ଥ ନାହିଁ ।' କାରଣ କେହି ପୁଙ୍ଖାନୁପୁଙ୍ଖଭାବେ ଯଦି ଇତିହାସକୁ ବିଶ୍ଳେଷଣ କରନ୍ତି, ତେବେ ସେ ଏ ଧରଣର ଚିନ୍ତାର ଅସାରତାକୁ ବୁଝିପାରିବେ ।

ଶରତଚନ୍ଦ୍ରଙ୍କୁ ବିଭିନ୍ନ ସମୟରେ ଅନେକେ ପ୍ରଶ୍ନ କରୁଥିଲେ "ଆପଣ ତ ସାହିତ୍ୟିକ କିନ୍ତୁ ଆପଣଙ୍କ ଘରେ ଦେଖୁ ବିଜ୍ଞାନର ବିଭିନ୍ନ ବହି । ଗଣିତରୁ ଆରମ୍ଭ କରି ଫିଜିକ୍ସ, କେମିଷ୍ଟ୍ରି ବିଭିନ୍ନ ବହି ସଜା ହୋଇଛି । ଇତିହାସ, ମନୋବିଜ୍ଞାନ ଏବଂ ଅର୍ଥଶାସ୍ତ୍ରର ବହିରେ ଲାଇବ୍ରେରୀ ଭର୍ତ୍ତି । କାହିଁ ବିଶ୍ୱର ଅନ୍ୟାନ୍ୟ ସାହିତ୍ୟିକମାନଙ୍କର ବହି ତ ଆପଣଙ୍କ ଘରେ ଦେଖୁନା ।'' ଥରେ ଚନ୍ଦନନଗରର ଆଲୋଚନା ସଭାରେ ମତିବାବୁ ପ୍ରଭୃତି ଶରତଚନ୍ଦ୍ରଙ୍କୁ ବିଭିନ୍ନ ଧରଣର ପ୍ରଶ୍ନ କରିଥିଲେ । ସେହି ପ୍ରଶ୍ନଗୁଡ଼ିକର ଉତ୍ତରଦେବାକୁ ଯାଇ ଗୋଟିଏ ଜାଗାରେ ଶରତଚନ୍ଦ୍ର କହିଥିଲେ ମୁଁ ନିଜେ ଗପ ଲେଖେ । ଗପ ପଢ଼େ ନା ତା ନୁହେଁ- ତେଣୁ ଖୋଜାଖୋଜି କରି ଦି ଚାରିଟା ହୁଏତ ମିଳିବ । କିନ୍ତୁ ମୋତେ ଏସବୁ ଗପ ପଢ଼ିବାକୁ ସେତେ ଭଲ ଲାଗେନା । ଏହି କଥାଟି ଶରତଚନ୍ଦ୍ର ମତିବାବୁ ପ୍ରଭୃତିଙ୍କୁ ଥଟ୍ଟା ଛଳରେ କହିଥିଲେ । କିନ୍ତୁ ଏହି କଥାଟି ଦ୍ୱାରା ଅସଲରେ ସେ ଯେଉଁ କଥାଟି କହିବାକୁ ଚାହିଁଲେ, ତାହା ହେଲା ସାମାଜିକ ସମସ୍ୟାର ଉପଲବ୍ଧି କରିବା ଏବଂ ଗଳ୍ପ ଲେଖିବା ମାଧ୍ୟମରେ ସମସ୍ୟା ସମ୍ପର୍କରେ ଯଦି କିଛି କହିବାକୁ ହୁଏ, ଅର୍ଥାତ୍ ଘଟଣା ସଂଘାତ ଏବଂ ଚରିତ୍ର ସୃଷ୍ଟି ମଧ୍ୟ ଦେଇ ଯଦି ସତ୍ୟ ଉଦ୍‌ଘାଟନ କରିବାକୁ ହୁଏ- ତେବେ ତାହା ଜଣେ ସାହିତ୍ୟିକ ତ ସେତେବେଳେ ହିଁ ପାରିବେ, ଯେତେବେଳେ ସମାଜ ଓ ମଣିଷକୁ ସେ ଯଥାର୍ଥରେ ବୁଝିବାକୁ ସମର୍ଥ ହେବେ । ଆଉ ଏଇ ସତ୍ୟଟିକୁ ବୁଝିବାକୁ ହେଲେ ତ ବିଜ୍ଞାନ ନ ଜାଣିଲେ ବୁଝି ହେବନାହିଁ । ତେଣୁ ମଣିଷର ମାନସିକତା କିଭଳି ଭାବେ କେଉଁ ଧାରାରେ ଗଢ଼ି





ଉଠିଛି ତାହା ଜାଣିବା ପାଇଁ ବିଜ୍ଞାନ ଜାଣିବାକୁ ହେବ, ଇତିହାସକୁ ଟିକିନିଖି ବିଚାର କରି ଦେଖିବାକୁ ହେବ ।

ଫଳରେ ଦେଖନ୍ତୁ, ଶରତଚନ୍ଦ୍ରଙ୍କର ଏହି ଧରଣର ବାସ୍ତବବାଦୀ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଥିଲା ବୋଲି କୁସଂସ୍କାର ବିରୁଦ୍ଧରେ ଲଢ଼େଇ କରିବା ବ୍ୟାପାରରେ ରବୀନ୍ଦ୍ରନାଥଙ୍କ ସହିତ ତାଙ୍କ ବିରାଟ ଭାବେ ଏକ ବିରୋଧ ଦେଖା ଦେଇଥିଲା । କୁସଂସ୍କାର, ଜାତିଆଣ ମନୋଭାବ ଏଗୁଡ଼ିକୁ ଯେକୌଣସି ଯୁକ୍ତିବାଦୀ ମଣିଷ ଖରାପ ବୋଲି କହିବେ । ସ୍ୱାଧୀନତା ଆନ୍ଦୋଳନ ଯୁଗରେ ବି କୌଣସି ମହତ୍ ବ୍ୟକ୍ତି ଜାତିଆଣ ମନୋଭାବକୁ ସମର୍ଥନ କରୁ ନଥିଲେ । କିନ୍ତୁ ଶରତଚନ୍ଦ୍ର ଏହା ବିରୁଦ୍ଧରେ ଲଢ଼େଇର ପଦ୍ଧତିକୁ କେନ୍ଦ୍ରକରି ରବୀନ୍ଦ୍ରନାଥଙ୍କ ସହିତ ଏବଂ ଆହୁରି ଅନେକଙ୍କ ସହ ଏକମତ ନଥିଲେ । ଶରତଚନ୍ଦ୍ର ଜାଣିଥିଲେ, ଛୁଆଁ ଅଛୁଆଁ, ଭେଦଭାବ, ଜାତି ପ୍ରଥା ମାନି ଚାଲିବା- ଏହି ଯେଉଁ ବିଷୟଗୁଡ଼ିକ ଲୋକଙ୍କ ଭିତରେ ରହିଛି, ଏଗୁଡ଼ିକ କୁସଂସ୍କାର ! ଆଉ କୌଣସି ଏକ ବିଷୟ ଅଭ୍ୟାସ କରୁ କରୁ ଯେତେବେଳେ ସମଷ୍ଟିର ଅଭ୍ୟାସରେ ପରିଣତ ହୋଇଯାଏ- ଅର୍ଥାତ୍ ଠିକ୍ ହେଉ, କି ବେଠିକ୍ ହେଉ ଲୋକେ ତାକୁ ମାନି ଚାଲିବାକୁ ଅଭ୍ୟସ୍ତ ହୋଇଯାଆନ୍ତି ସେତେବେଳେ ତାହା କୁସଂସ୍କାରରେ ପରିଣତ ହୁଏ । ଶରତଚନ୍ଦ୍ର ତାଙ୍କର ପ୍ରବନ୍ଧ ଓ କ୍ଷୁଦ୍ର ଲେଖାଗୁଡ଼ିକରେ ବିଷୟଟିକୁ ବୁଝାଇବାର ଚେଷ୍ଟା କରିଛନ୍ତି । ସେ ଉଦାହରଣ ଦେଇ ଦର୍ଶାଇଛନ୍ତି ଯେ, ମା' ତାଙ୍କର ଯେଉଁ ସନ୍ତାନ ବିଲାତ ଯାଏ, ତା'ର ଜାତିଚ୍ୟୁତ ହେବା ଭୟରେ କାନ୍ଦନ୍ତି । ସେହି ପୁଅ ଫେରିଆସିବା ପରେ ତାର ରୋଗଶଯ୍ୟାରେ ବସି ଉପାସରେ ରହି ସେବାସୁଶ୍ରୁଷା କରନ୍ତି । କିନ୍ତୁ ତା' ପରେ ଗଙ୍ଗାଜଳରେ ସ୍ନାନ କରି ତେବେ ଯାଇ ଖାଇବାକୁ ଯାଆନ୍ତି । ଆଖିରୁ ଲୁହ ଝରିବ, କିନ୍ତୁ ତା ସତ୍ତ୍ୱେ ବି ତା ହାତରୁ ଖାଇବେ ନାହିଁ । ଭିତ୍ତି ଯାହାର ଏହିଭଳି ଦୃଢ଼, ମନ ଭିତରୁ ସେହି କୁସଂସ୍କାରକୁ କ'ଣ ଏ ଧରଣର ଯୁକ୍ତି ଉଠାଇ ଦୂର କରାଯାଇ ପାରିବ ଯେ, ଗୁରୁଦେବ ବୁଝାଉଛନ୍ତି, ମଣିଷ କ'ଣ ବିଲେଇ ଠାରୁ ବି ଅଧମ ? ଯେଉଁ ଛୋଟ ବିଲେଇଟି ତୁମ ପତରରୁ ଖାଇପାରେ ସେଥିରେ ତୁମର ଜାତି ଯାଏ ନାହିଁ, କିନ୍ତୁ ଜଣେ ମଣିଷ- ଛୋଟ ଜାତିର ବା ଅନ୍ୟ ଧର୍ମର- ଛୁଇଁଦେବା ମାତ୍ରେ ଜାତି ଚାଲିଯାଏ ? ତେବେ ମଣିଷ କ'ଣ ବିଲେଇ ଠାରୁ ବି ଅଧମ ? ଶରତଚନ୍ଦ୍ର ଦୁଃଖିତ ହୋଇ ଏବଂ କେତେକାଂଶରେ ବିଦ୍ରୂପ କରି ରବୀନ୍ଦ୍ରନାଥଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ମଣିଷର ସମସ୍ୟା କ୍ଷେତ୍ରରେ

ଏହି ଗଛପତ୍ର, ପଶୁ ପକ୍ଷୀ ଆସେ କାହିଁକି, ଆଉ ଆସି ବି ଏଗୁଡ଼ିକ କ'ଣ ପ୍ରମାଣ କରେ ? "ବିଲେଇ କାହିଁକି କୋଳରେ ବସେ, ପିମ୍ପୁଡ଼ି କାହିଁକି ପତ୍ରରେ ଚଢ଼େ, ଏସବୁ ତର୍କ ଉଠାଇ ମଣିଷର ନ୍ୟାୟ ଅନ୍ୟାୟ ବିଚାର ହୁଏନା । ଏହି ଉପମାଗୁଡ଼ିକ ଶୁଣିବାକୁ ଭଲ, ଦେଖିବାକୁ ଚକ୍ ଚକ୍ କରେ, କିନ୍ତୁ ତଉଲିଲେ ମୂଲ୍ୟ ଯାହା ଜଣାପଡ଼େ ତାହା ଅକିଞ୍ଚିତ୍କର । ତେଣୁ ସେ ଥଟ୍ଟା କରି କହିଥିଲେ, 'ବ୍ରାହ୍ମଣୀର ପୋଷା ବିଲେଇଟି ଅଇଁଠା ମୁହଁରେ ଯାଇ ତା କୋଳରେ ବସେ, ସେଥିରେ ଶୁଚିତା ନଷ୍ଟ ହୁଏ ନାହିଁ- ସେ ଆପତ୍ତି କରନ୍ତି ନି; ସମ୍ଭବତଃ କରନ୍ତିନି । କିନ୍ତୁ ତା ଦ୍ୱାରା କ'ଣ ପ୍ରମାଣ ହେଲା ? ବିଲେଇ ଯୁକ୍ତିରେ ଏ କଥା ତ ବ୍ରାହ୍ମଣୀକୁ କୁହାଯାଇ ପାରେନା ଯେ, ଯେହେତୁ ଅତି ନିକୃଷ୍ଟ ଜୀବ ବିଲେଇଟି ଯାଇ ତୁମ କୋଳରେ ବସିଛି, ତୁମେ ଆପତ୍ତି କରି ନାହଁ, ଅତଏବ ଅତି ଉତ୍କୃଷ୍ଟ ଜୀବ ମୁଁ ବି ଯାଇ ତୁମ କୋଳରେ ବସିବି, ତୁମେ ଆପତ୍ତି କରିପାରିବ ନାହିଁ ।" ଏଭଳି କ'ଣ ଯୁକ୍ତି କରାଯାଏ କି? ଯେଉଁମାନେ ଜାତିଆଣ ସମସ୍ୟାଟିକୁ ସଠିକ୍ ଭାବେ ବୁଝନ୍ତି ସେମାନେ ଜାଣନ୍ତି ଯେ, କେବଳ ଅଶ୍ରଦ୍ଧା ପାଇଁ ହାତରୁ ଖାଇପାରେ ନା, ବିଷୟଟି ଏଭଳି ନୁହେଁ । ଯେଉଁଠି ଟିକିଏ ବି ଅଶ୍ରଦ୍ଧା ନାହିଁ, ଯେଉଁଠି ଅନ୍ତର ଭରି ଭଲପାଇବା ରହିଛି- ସେଠି ବି କୁସଂସ୍କାର ପାଇଁ ମଣିଷ ଖାଇପାରେ ନା । 'ଗୃହଦାହ' ଉପନ୍ୟାସରେ ରାମ ବାବୁର ଚରିତ୍ର ଚିତ୍ରଣ ଜରିଆରେ ସେ ସମସ୍ୟାଟିକୁ ତୋଳି ଧରିବାକୁ ଚାହିଁଛନ୍ତି । ମୁହୂର୍ତ୍ତକ ମଧ୍ୟରେ ଏହି ସ୍ନେହ ପ୍ରବଣ ଏବଂ ସହୃଦୟ ମଣିଷଟିକୁ କେତେ କଠିନ କରିଦେଲା କୁସଂସ୍କାର । ଅଚଳା ପ୍ରତି ସ୍ନେହ ଯେତେବେଳେ ତାଙ୍କୁ ଧର୍ମର ସୀମା ପ୍ରାୟ ଅତିକ୍ରମ କରାଇ ନେଇଯାଇଥିଲା, ସେତେବେଳେ ମୁହୂର୍ତ୍ତକ ମଧ୍ୟରେ ମନର ସଂସ୍କାର ଆସି- ଯେଉଁ ମଣିଷଟିର ଏତେ ହୃଦୟାବେଗ- ତାଙ୍କୁ ଏକ ଅମଣିଷରେ ପରିଣତ କରିଦେଲା । ତେଣୁ ସେ ଏଭଳି ଭାବେ ଚରିତ୍ର ଚିତ୍ରଣ କରି ମଣିଷ ମନରେ ବ୍ୟଥା ବେଦନା ଜଗାଇ ଦେଇ ଦେଖାଇବାକୁ ଚାହିଁଛନ୍ତି ଯେ- ଯେଉଁ ସଂସ୍କାର, ଯେଉଁ ଆଚାର ବିଚାର, ଯେଉଁ ଜାତିପ୍ରଥା, ଯେଉଁ ରୀତିନୀତିଗୁଡ଼ିକ ମଣିଷକୁ ଏଭଳି ଅମଣିଷ କରିଦିଏ, କର୍ତ୍ତବ୍ୟ କରିବାକୁ ଭୁଲାଇ ଦିଏ, ସ୍ନେହ ମମତା ଭୁଲାଇ ଦିଏ, ଦାୟିତ୍ୱ ପାଳନ କରିବାକୁ ଦିଏନା- ସେଗୁଡ଼ିକ ପରିତ୍ୟାଗ କରିବା ହିଁ ଶ୍ରେୟ । ତେଣୁ ବ୍ୟଥା ଜଗାଇ ଦେଇ ସେଗୁଡ଼ିକୁ ଦୂର କରିବାକୁ ଚାହିଁଛନ୍ତି । କାରଣ ଶରତଚନ୍ଦ୍ର ଜାଣିଥିଲେ ଯେ କୁସଂସ୍କାରର ଭିତ୍ତି ଉପରେ ଆଘାତ କରି ଏହା ବିରୁଦ୍ଧରେ ସାମାଜିକ ଆନ୍ଦୋଳନ ଗଢ଼ିତୋଳି ନ ପାରିଲେ ସମାଜକୁ ଏହାର ବିଷାକ୍ତ ପ୍ରଭାବରୁ ମୁକ୍ତ





କରାଯାଇ ପାରିବ ନାହିଁ । ତେଣୁ ସେ ଥରେ ଦୁଃଖ ପ୍ରକାଶ କରି କହିଥିଲେ, ବିଦ୍ୟାସାଗରଙ୍କ ଭଳି ମଣିଷ ସମାଜରେ ବିଧବା ବିବାହର ପ୍ରଚଳନ କରିବାକୁ ଚାହିଁଥିଲେ । ଆଇନର ସାହାଯ୍ୟ ନେଇ ସମାଜ ବିରୁଦ୍ଧରେ ଛିଡ଼ାହୋଇ ଜବରଦସ୍ତି ସେ ଏହି ବ୍ୟବସ୍ଥା ଚାଲୁ କରିବାକୁ ଚାହିଁଲେ, କିଛି ସଂଖ୍ୟକ ବିଧବାଙ୍କୁ ମଧ୍ୟ ବିବାହ କରାଇଦେଲେ, କିନ୍ତୁ ସମାଜରୁ ଏହି ପ୍ରଥାକୁ ହଟାଇ ପାରିଲେ ନାହିଁ । କାରଣ ସାମାଜିକ ଆନ୍ଦୋଳନ ଭାବେ ସେ ତାହାକୁ ରୂପ ଦେଇପାରିଲେ ନାହିଁ । ଯଦି ପାରିଥାନ୍ତେ ତେବେ ଏହି ଉଦ୍ୟମ ସାର୍ଥକ ହୋଇଥାନ୍ତା । ଆଇନ୍ ପ୍ରଣୟନ ହେବା ସତ୍ତ୍ୱେ ବି ବିଧବା ବିବାହ ପ୍ରଥା ସଂସ୍କାର ମଧ୍ୟରେ ଛନ୍ଦିହୋଇ ରହିଗଲା । ତଦାନୀନ୍ତନ ସମୟର ସାହିତ୍ୟିକମାନେ ଯଦି ମଣିଷ ମନରେ ବ୍ୟଥା ବେଦନା ଜଗାଇ ମଣିଷର ମାନସିକତାକୁ ବଦଳାଇ ଦେଇପାରିଥାନ୍ତେ, ବିଧବା ବିବାହର ପ୍ରୟୋଜନ କାହିଁକି- ଲୋକଙ୍କୁ ତାହା ବୁଝାଇ ପାରନ୍ତେ, ତାହାହେଲେ ହୁଏତ ବିଧବା ବିବାହ ପ୍ରଚଳନ ସପକ୍ଷରେ ଏକ ସାମାଜିକ ଜନମତ ସୃଷ୍ଟି ହୋଇପାରିଥାନ୍ତା । କେବଳ ପ୍ରବନ୍ଧ ଲେଖି ବା ବକ୍ତୃତା ଦେଇ ପ୍ରୟୋଜନୀୟତା ବୁଝାଇବା ନୁହେଁ, ବିଧବାମାନଙ୍କର ଜୀବନ ସୁନ୍ଦର ଭାବେ ପରିସ୍ଫୁଟ କରି ମଣିଷ ମନ ଭିତରେ ବ୍ୟଥାବେଦନା ଜଗାଇ ଆଖିରେ ଆଙ୍ଗୁଳି ଦେଇ ଦେଖାଇବା- ଯେମିତି ଭାବେ ଶରତଚନ୍ଦ୍ର ରମା ଏବଂ ରମେଶକୁ ଚିତ୍ରଣ କରିଛନ୍ତି ।...

... ଦଳେ ସମାଲୋଚକ କହନ୍ତି ଶରତଚନ୍ଦ୍ର ବିଧବା ବିବାହକୁ ସମର୍ଥନ କରି ନାହାନ୍ତି । କାରଣ ଶରତଚନ୍ଦ୍ର ତାଙ୍କ ସାହିତ୍ୟରେ ବିଧବାମାନଙ୍କୁ ବିବାହ ଦେଇ ନାହାନ୍ତି । ସାବିତ୍ରୀ ବିଧବା- ତାକୁ ବିବାହ ଦେଇ ନାହାନ୍ତି । ରମା ବିଧବା- ତାକୁ ବି ବିବାହ ଦେଇ ନାହାନ୍ତି । ଫଳରେ ଏକଥା ତ ସ୍ପଷ୍ଟ ଯେ ବିଧବାମାନଙ୍କୁ ବାହା ଦେବାପାଇଁ ତାଙ୍କୁ କୁସଂସ୍କାର ବାଧା ଦେଇଛି । ମୁଁ ମନେକରେ ଯେଉଁମାନେ ଏ ଧରଣର ସମାଲୋଚନା କରନ୍ତି ସେମାନେ ସାହିତ୍ୟ ଆଲୋଚନା କରିବାକୁ ଅଯୋଗ୍ୟ । ଶରତଚନ୍ଦ୍ର ଜାଣିଥିଲେ ଯେ ତଦାନୀନ୍ତନ ସମାଜ ପରିବେଶରେ ରମେଶ ଓ ରମାର ବିବାହ ଦେବାକୁ ହେଲେ ସେମାନଙ୍କୁ ହୋଟେଲରେ ନେଇ ରଖିବାକୁ ହୁଅନ୍ତା, ନଚେତ ହିନ୍ଦି ସିନେମାର ନାୟକ, ନାୟିକାଙ୍କ ଭଳି କରିବାକୁ ପଡନ୍ତା । ତା ନ ହେଲେ ସେହି ଗ୍ରାମ୍ୟ ସମାଜ ପରିବେଶ ଭିତରେ ରମା, ରମେଶର ବିବାହ ଶ୍ରଦ୍ଧାର ଆସନରେ ପ୍ରତିଷ୍ଠିତ ହୋଇ ନ ପାରିଲେ ପରସ୍ପରର ଭଲ ପାଇବା କେବଳ ନିଜ ଶକ୍ତି ବଳରେ ତାହାର ସୌନ୍ଦର୍ଯ୍ୟ ଏବଂ ମାଧୁର୍ଯ୍ୟ ବଜାୟ ରଖି ପାରନ୍ତା ନାହିଁ । ତେଣୁ ସେ ରମାକୁ ବିଧବା ସଜାଇଛନ୍ତି, ବିଧବା ହେବା

ସତ୍ତ୍ୱେ ବି ତାର ଚାରିତ୍ରିକ ସୌନ୍ଦର୍ଯ୍ୟର ତୁଳନା ନାହିଁ । ରମେଶ ସହିତ ତାର ଯଥାର୍ଥରେ ଏକ ସୁନ୍ଦର ସମ୍ପର୍କ ସୃଷ୍ଟିକରି ସେ ଦେଖାଇବାକୁ ଚାହିଁଛନ୍ତି- "କହିଲ ଦେଖି ରମା ବିଧବା ହେବା ସତ୍ତ୍ୱେ ବି ଏଇ ଯେଉଁ ଦୁଇଜଣଙ୍କ ସମ୍ପର୍କ ମୁଁ ଆଙ୍କି ଦେଇଛି ଏବଂ ଏହି ଦୁଇ ଜଣଙ୍କ ସମ୍ପର୍କକୁ କେନ୍ଦ୍ରକରି ଯେଉଁ ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ଫୁଟି ଉଠିଛି ତାହା କ'ଣ ଦୃଷ୍ଟିକଟୁ ହେଉଛି ? ତୁମେ ଯେଉଁମାନେ ଘରେ ଘରେ, ନୋଥବାଲୀ ବୋହୂ ନେଇ ସଂସାର କରୁଛ ଏବଂ ପ୍ରେମ କରୁଛ ଏହା କ'ଣ ସେହି ଜାତୀୟ ? ନା ଏହା ଏକ ଅତ୍ୟନ୍ତ ଉଚ୍ଚମାନର ସମ୍ପର୍କ ?" ରମା ରମେଶର ଏହି କାହାଣୀ କ'ଣ ମନ ଭିତରେ ବ୍ୟଥା ଜଗାଏନା ? ଏମାନଙ୍କ ଜୀବନକୁ କେନ୍ଦ୍ରକରି ଯେଉଁ ସମ୍ପର୍କଟି ଗଢ଼ି ଉଠିଲା ତା'ର ପରିଣତିରେ ଏମାନଙ୍କର ମିଳନ ହେଉ, ତାହା କ'ଣ ତୁମେମାନେ ଚାହଁ ? ଯଦି ଚାହଁ ତେବେ ମର୍ଯ୍ୟାଦା ସହକାରେ ଏମାନଙ୍କର ଜୀବନକୁ ରୂପାୟିତ କରିବାକୁ ହେଲେ ଏହି ପୁରୁଣା ହିନ୍ଦୁ ସମାଜକୁ ଭାଙ୍ଗି ଦେବାକୁ ହେବ ।...

... 'ଚରିତ୍ରହୀନ'ରେ ସାବିତ୍ରୀ ଚରିତ୍ର ମାଧ୍ୟମରେ ସେ ଦେଖାଇବାକୁ ଚାହିଁଛନ୍ତି ଯେ, ସାବିତ୍ରୀ ସମାଜର ପ୍ରଚଳିତ ମାନସିକତା, ସମାଜର ଧର୍ମୀୟ କୁସଂସ୍କାର ଏବଂ ଧର୍ମ ଭିତ୍ତିକ ନୈତିକତା ବିଚାରରେ ଏକ କୂଳଟା, ଗୋଟିଏ ନୀଚ ଚରିତ୍ରର ଦାସୀ ମାତ୍ର । ସରୋଜିନୀ ଭଳି ଗୋଟିଏ ଶିକ୍ଷିତା ଭଦ୍ରଘରର ଝିଅ ପାଇଁ ଯିଏ ଲୋଭନୀୟ ପାତ୍ର, ସେହି ସତୀଶ ତାକୁ କିଭଳି ଭଲ ପାଇପାରେ ? ସତୀଶ ସହିତ ତାର ଯଦି କୌଣସି ସମ୍ପର୍କ ହୁଏ ବି ତେବେ ତାହା ଏକ କ୍ଳୀବ ସମ୍ପର୍କ ହୋଇପାରେ, ଅଥବା ଏକ ନିମ୍ନସ୍ତରର ଯୌନ ସମ୍ପର୍କ ହୋଇପାରେ । ଶରତଚନ୍ଦ୍ର ଏହି ଧରଣର ଏକ ଅତି ସାଧାରଣ ଝିଅକୁ ନେଇ ଆସି ସତୀଶ ସହ ସଂଳାପ ମାଧ୍ୟମରେ ରସ ସୃଷ୍ଟିକରି ଅତ୍ୟନ୍ତ ସତର୍କତାର ସହିତ ସମସ୍ତ ନୀଚବୃତ୍ତିରୁ ସେମାନଙ୍କୁ ରକ୍ଷା କରି, ସମ୍ପର୍କଟିକୁ ଯଥାର୍ଥରେ ଆକର୍ଷଣୀୟ କରି ଏକ ସୌନ୍ଦର୍ଯ୍ୟ ସୃଷ୍ଟି କଲେ ଏବଂ ସମସ୍ତ ଧର୍ମାନ୍ଧ ପାଠକ ସମାଜ, ଘରର ଝିଅ ବୋହୂ ଏବଂ ଶିକ୍ଷିତ-ଅଶିକ୍ଷିତ ଲୋକଙ୍କ ସାମ୍ନାରେ ପକାଇ ଦେଇ କହିବାକୁ ଚାହିଁଲେ- କହିଲ ଦେଖି ଏହା ଖରାପ କି ନୁହେଁ ? ଏହି ସମ୍ପର୍କଟି ଦେଖିବାକୁ କିଭଳି ଲାଗୁଛି ? ପଢ଼ିଲେ ମନରେ ବ୍ୟଥା ଜାଗେ କି ? ସାବିତ୍ରୀ ପାଇଁ କ'ଣ ତୁମେ ଦୁଃଖ ଅନୁଭବ କର ? ସତୀଶ ସାବିତ୍ରୀର ମିଳନ ହୋଇ ନ ପାରିଲେ ତୁମମାନଙ୍କ ମନ ଭିତରେ କ'ଣ ବେଦନା ଏବଂ କ୍ଷୋଭ ସୃଷ୍ଟି ହୁଏ ? ସମସ୍ତେ ଗୋଟିଏ ବାକ୍ୟରେ ଉତ୍ତର ଦେବେ, "ହଁ ସୃଷ୍ଟି ହୁଏ ? ଆମେ ଚାହୁଁ ଏମାନଙ୍କର





ମିଳନ ହୁଅନ୍ତା କି ? ଶରତଚନ୍ଦ୍ର କହିବାକୁ ଚାହିଁଲେ, ତୁମେ ଚାହିଁଲେ ବି ଏମାନଙ୍କର ମିଳନ ହୋଇ ପାରିବନାହିଁ, ଯେତେଦିନଯାଏ ହିନ୍ଦୁ ଧର୍ମ ଓ ହିନ୍ଦୁ ସମାଜଟି ରହିଛି । ଶରତଚନ୍ଦ୍ର ତାଙ୍କର ଏହି ଲେଖାଗୁଡ଼ିକ ଜରିଆରେ ପାଠକମନରେ ଏକ ଅଭାବବୋଧ ଓ ବ୍ୟଥା ବେଦନା ଜଗାଇ ଦେଇ ସମାଜ ଅଭ୍ୟନ୍ତରରେ ସମାଜ ବିପ୍ଳବର ପ୍ରବଳ ଆକାଂକ୍ଷା ସୃଷ୍ଟି କରିବାକୁ ଚାହିଁଛନ୍ତି, ସମାଜ ବିପ୍ଳବ ସମ୍ପର୍କରେ କେତେଗୁଡ଼ିଏ ଉପରଠାଉରିଆ ଫମ୍ପା କଥା କହି ନିଜକୁ ବା ଅନ୍ୟମାନଙ୍କୁ ବିଭ୍ରାନ୍ତ କରିବାକୁ ଚାହିଁ ନାହାନ୍ତି ।

'ଚରିତ୍ରହୀନ' ବହିଟିରେ କିରଣମୟୀ ଚରିତ୍ର ଶରତଚନ୍ଦ୍ରଙ୍କର ଆଉ ଏକ ବିସ୍ମୟକର ସୃଷ୍ଟି । ଅପୂର୍ବ ଦକ୍ଷତା ସହକାରେ କିରଣମୟୀ ଚରିତ୍ର ଚିତ୍ରଣ ମାଧ୍ୟମରେ ସେ ଶିକ୍ଷିତ ପାଠକ ସମାଜ ପାଖରେ କହିବାକୁ ଚାହିଁଲେ, ଭାବି ଦେଖ ତ, ନାରୀ ଯଦି ଏମିତି ହୁଏ, ତେବେ ତୁମକୁ କେମିତି ଲାଗିବ ? ନିଜ ଘରର ନୋଥବାଲୀ ସ୍ତ୍ରୀ ବା ପ୍ରେମିକାମାନଙ୍କ ସହ ମିଶାଇ ଦେଖିଲ ପସନ୍ଦ ହେଉଛି କି ନାହିଁ ? କିନ୍ତୁ ତୁମର ଏହି କୁସଂସ୍କାରାଚ୍ଛନ୍ନ ହିନ୍ଦୁ ସମାଜରେ କିରଣମୟୀ ଭଳି ଜ୍ଞାନ, ବିଦ୍ୟା, ବୁଦ୍ଧି, ପାଣ୍ଡିତ୍ୟ, ଔଦାର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣା ଏଭଳି ଉନ୍ନତ ଏକ ନାରୀର ଭବିଷ୍ୟତ କ'ଣ ? ଏହି ସମାଜରେ ଉନ୍ମାଦ ହେବା ଛଡ଼ା ତା'ର ଅନ୍ୟ କୌଣସି ଉପାୟ ଅଛି କି ? ଏଭଳି ଉନ୍ନତ ଧରଣର ରୁଚି, ସଂସ୍କୃତି ଓ ନାରୀତ୍ୱର ଅଧିକାରିଣୀ ହୋଇ ସେ ତ ଆଉ ପାଞ୍ଚଟା ଅତି ସାଧାରଣ ଝିଅମାନଙ୍କ ଭଳି, ଯେମିତି ସେମିତି ଭାବେ ବା ଅଧଃପତିତ ହୋଇ ଜୀବନଯାପନ କରିପାରେ ନା ।...

ଏହି କିରଣମୟୀ ଦିବାକର ସହିତ ଜାହାଜରେ ଗୋଟିଏ ବିଛଣାରେ ରାତି କଟେଇଛି । ଅଥଚ ନିଜକୁ ସମର୍ପଣ କରି ନାହିଁ । ଏହି ଘଟଣାକୁ ଉଲ୍ଲେଖ କରି ବହୁ ସମାଲୋଚକ କହିଥାନ୍ତି ଏଇଠାରେ କୁଆଡ଼େ ଶରତଚନ୍ଦ୍ର ହିନ୍ଦୁ ଧର୍ମର ସଂସ୍କାର ମାନି ନେଇଛନ୍ତି । ଅଥଚ ମତିବାବୁ ପ୍ରଭୃତିଙ୍କ ସହ ଆଲୋଚନା ବେଳେ ଶରତଚନ୍ଦ୍ର ନିଜେ ହିଁ ବ୍ୟାଖ୍ୟା କରିଛନ୍ତି କାହିଁକି କିରଣମୟୀ ଭଳି ଝିଅ ଦିବାକର ନିକଟରେ ନିଜକୁ ସମର୍ପଣ କରିପାରେ ନା । ଚନ୍ଦନ ନଗରର ଆଲୋଚନା ସଭାରେ ମତିବାବୁ ପ୍ରଭୃତି ଥଟ୍ଟା କରି ଶରତଚନ୍ଦ୍ରଙ୍କୁ କହିଥିଲେ ଯେ, ଆପଣ ଲେଖିଲାବେଳେ ଯେତେ ବଡ଼ ବଡ଼ କଥା କହନ୍ତୁ ନା କାହିଁକି, ଅସଲରେ ଆପଣ ହିନ୍ଦୁଧର୍ମରେ ନାରୀର ଯେଉଁ ସତୀତ୍ୱ ତାହାକୁ ଅତ୍ୟନ୍ତ ଶ୍ରଦ୍ଧା କରନ୍ତି । ତେଣୁ କିରଣମୟୀର ଦେହ ନଷ୍ଟ ହେବାପାଇଁ ଆପଣ ଦେଇ ନାହାନ୍ତି ।





ଶରତଚନ୍ଦ୍ର ହସି ହସି ବେଦମ୍ ହୋଇ ଯାଇଥିଲେ, କହିଲେ, ଆପଣମାନେ ଏହି ଚରିତ୍ରଟିକୁ ଆଦୌ ବୁଝି ନାହାନ୍ତି । ଆପଣମାନଙ୍କର ହିନ୍ଦୁ ଧର୍ମର ସତୀତ୍ୱ ରହିଲା କି ଗଲା, ଏହି ଚରିତ୍ରଟି ସୃଷ୍ଟି କଲାବେଳେ ମୁଁ ଏସବୁ କଥା ଆଦୌ ଭାବି ନାହିଁ । କିରଣମୟୀ ଚରିତ୍ର ମୁଁ ଅତ୍ୟନ୍ତ ଯତ୍ନ ସହକାରେ ସୃଷ୍ଟି କରିଛି । 'ଚରିତ୍ରହୀନ' ବହିରେ ସରୋଜିନୀକୁ ଦେଖାଯାଇଛି ଶିକ୍ଷିତ ପରିବେଶରେ ଜଣେ ଶିକ୍ଷିତା ଝିଅ । ସୁରବାଳାକୁ ବି ସମସ୍ତେ ଦେଖିଛନ୍ତି, ଉପେନ୍ଦ୍ର ଭଳି ସ୍ୱାମୀ ବି ଯାହାର ଭଲ ପାଇବାରେ ପୂରାପୂରି ମଗ୍ନ ହୋଇ ରହିଛି । ସେହି ଏକା ବହିରେ ସାବିତ୍ରୀର ଚରିତ୍ର ଅପୂର୍ବ ରସ ଏବଂ ମାଧୁର୍ଯ୍ୟରେ ପରିପୂର୍ଣ୍ଣ । ଏହି ଚରିତ୍ରଗୁଡ଼ିକ ନଥିଲେ କିରଣମୟୀ ଚରିତ୍ରଟିକୁ ଫୁଟାଇବା ଏତେ କଠିନ ହୁଅନ୍ତା ନାହିଁ । ଏହାରି ପାଖାପାଖି କିରଣମୟୀକୁ ସୃଷ୍ଟି କରିବା ପାଇଁ ବହୁତ କଷ୍ଟ କରିବାକୁ ପଡ଼ିଛି । ଫଳରେ ଯାହାକୁ ଏତେ ଯତ୍ନ ସହକାରେ ଏଭଳି ସୁନ୍ଦର ଭାବେ ସୃଷ୍ଟି କରାଯାଇଛି, ଦିବାକର ଭଳି ଏକ ପିଲା ନିକଟରେ ଦେହ ସମର୍ପଣ କଲେ ଏହି ଚରିତ୍ରଟି ମାଟି ହୋଇଯାଇଥାନ୍ତା । କିରଣମୟୀ ଏଭଳି ଏକ ନାରୀ ଚରିତ୍ର- ଯାହାର ବିଦ୍ୟା, ବୁଦ୍ଧି, ଜ୍ଞାନ ଏବଂ ରୁଚି ତୁଳନାରେ ଦିବାକର ନିହାତି ପିଲାଲୋକ । ଏଭଳି ବ୍ୟକ୍ତିତ୍ୱ ସମ୍ପନ୍ନା, ଗୁଣବତୀ ଏବଂ ଚରିତ୍ରବତୀ ଯେଉଁ ନାରୀ- ସେ କ'ଣ ଦିବାକର ଭଳି ଏକ ଛୋଟ ପିଲା ପାଖରେ ଦେହ ଦାନ କରିପାରେ ? ଯଦିଓ କିରଣମୟୀ ନିଜେ ହିଁ ଉପେନ୍ଦ୍ର ଉପରେ ପ୍ରତିଶୋଧ ନେବାର ତୀବ୍ର ଇଚ୍ଛାରୁ ଦିବାକରକୁ ଘରୁ ବାହାର କରି ଆଣିଥିଲା । କାରଣ ସେ ଜାଣିଥିଲା, ଦିବାକର ଉପେନ୍ଦ୍ରର ଅତ୍ୟନ୍ତ ପ୍ରିୟପାତ୍ର । ତେଣୁ ସେ ଏହିଭଳିଭାବେ ଉପେନ୍ଦ୍ରକୁ ପାଲଟା ଆଘାତ ଦେବାକୁ ଚାହିଁଥିଲା । କିନ୍ତୁ ଶେଷ ପର୍ଯ୍ୟନ୍ତ ସେ ବୁଝିପାରିଥିଲା ଉପେନ୍ଦ୍ର ଯେତେ ଆଘାତ ପାଇନାହିଁ, ତାଠାରୁ ଅନେକ ବେଶୀ ଆଘାତ ପାଇଛି ସେ ନିଜେ । ଭୂଲ ସେ କରିଛି, ତଥାପି ସେ ଜଣେ ଅତ୍ୟନ୍ତ ରୁଚି ସମ୍ପନ୍ନା ନାରୀ । ତେଣୁ ନିଜ ସହିତ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାକୁ ଲଢ଼େଇ କରିବାକୁ ପଡ଼ିଛି । ଛଳନା କରି ଦିବାକର ଭିତରେ ସେ ଯେଉଁ କାମ ଉତ୍ତେଜନା ଏବଂ ଆକର୍ଷଣ ସୃଷ୍ଟି କଲା କେବଳ ଉପେନ୍ଦ୍ର ବିରୁଦ୍ଧରେ ପ୍ରତିଶୋଧ ନେବାପାଇଁ- ସେହି ଦିବାକର ନିକଟରୁ ନାରୀତ୍ୱର ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ସେ ହେଲା କ୍ଷତ ବିକ୍ଷତ । କିନ୍ତୁ ନାରୀତ୍ୱକୁ ସେ ହରାଇ ପାରିନାହିଁ । ତେଣୁ ଶରତଚନ୍ଦ୍ର ଥଟ୍ଟା କରି କହିଥିଲେ, ନାରୀର ସତୀତ୍ୱ ରହିଲା କି ଗଲା, ଏଥିପ୍ରତି ତାଙ୍କର ଆଦୌ ଭ୍ରୂକ୍ଷେପ ନ ଥିଲା । ଶରତଚନ୍ଦ୍ରଙ୍କର ଗୋଟିଏ ମାତ୍ର ଚିନ୍ତା ଥିଲା, ତାହା ହୋଇଥିଲେ ଏଭଳି





ସଯତ୍ନରେ ଗଢ଼ା ନାରୀତ୍ୱର ଅଧିକାରିଣୀ କିରଣମୟୀର ଚରିତ୍ରଟି ମାଟିରେ ମିଶି ଯାଇଥାନ୍ତା ।

... ଶରତଚନ୍ଦ୍ର ରମା, କିରଣମୟୀ, ସାବିତ୍ରୀ ଏହି ଚରିତ୍ରଗୁଡ଼ିକୁ ଉପସ୍ଥାପନା କରି ରସ ସୃଷ୍ଟି ଜରିଆରେ ପାଠକ ମନରେ ବ୍ୟଥା ବେଦନା ଜଗାଇ ସମାଜ ମାନସିକତାରେ ଯେଉଁ କୁସଂସ୍କାର, ଯେଉଁ ଅନ୍ଧ କୂପମଣ୍ଡୁକତା ରହିଛି, ତାହାକୁ ଭାଙ୍ଗିବାକୁ ଚାହିଁଛନ୍ତି । ପ୍ରଶ୍ନ ଜଗାଇବାକୁ ଚାହିଁଛନ୍ତି, ତୁମେମାନେ କିରଣମୟୀ ଭଳି ଚରିତ୍ରର ଝିଅ ଚାହଁ କି? ଏପରି ଶିକ୍ଷାଦୀକ୍ଷାରେ ଗୁଣବତୀ ଝିଅ ଚାହଁ କି? ଯଦି ଚାହଁ, ତେବେ ଏହି ସମାଜରେ ତାକୁ ଲାଳନ ପାଳନ କରିବ କେମିତି? ତୁମେମାନେ ଯେଉଁ ଝିଅମାନଙ୍କୁ ନେଇ ସଂସାର କରୁଛ ସେମାନଙ୍କ ଭଳି, ନା' ସାବିତ୍ରୀ ଭଳି ଭାଷାରେ ତୁମମାନଙ୍କ ସହିତ କଥା କହୁ, ସେଇଭଳି ଝିଅ ଚାହଁ? ଯଦି ଚାହଁ ତେବେ ସେଇ ଝିଅ ଏହି ସମାଜରେ ଜନ୍ମଗ୍ରହଣ କଲେ ବି ତାକୁ ଅଟକେଇ ରଖିବ କିପରି ? ହୁଏତ ତୁମେ ନୋଥ ଥିବା ଝିଅ ନେଇ ସଂସାର କର, ହିନ୍ଦୁଧର୍ମର ଆଚାର ବିଚାର ପାଳନ କର, ଆଉ ତା ନ ହେଲେ ସମାଜଟିକୁ ଭାଙ୍ଗ । ନାରୀର ଶିକ୍ଷା, ସ୍ୱାଧୀନତାର ବିକାଶ, ମର୍ଯ୍ୟାଦାବୋଧ ବୃଦ୍ଧି ଏବଂ ଚାରିତ୍ରିକ ଉନ୍ନତି ତ ପୁରୁଷର ନିଜ ପ୍ରୟୋଜନରେ ହିଁ ସବୁଠାରୁ ବେଶୀ ଦରକାର । କିନ୍ତୁ ମୁର୍ଖ ପୁରୁଷମାନେ ହୀନମନ୍ୟତା ଦ୍ୱାରା ପରିଚାଳିତ ହୋଇ ନିଜ କଥାଟି ବି ବୁଝନ୍ତି ନାହିଁ । ବୁଝନ୍ତି ନାହିଁ ବୋଲି କୁସଂସ୍କାରର ବଶବର୍ତ୍ତୀ ହୋଇ ବାହାରେ ନାରୀ ପ୍ରଗତି ଆନ୍ଦୋଳନର ବିରୋଧୀତା କରନ୍ତି । ପୁଣି ଅନ୍ୟ ଦିଗରେ ଶିକ୍ଷିତ ଲୋକେ ସୁଯୋଗ ପାଇବା ମାତ୍ରେ ନାରୀ ପ୍ରଗତି ସମ୍ପର୍କରେ ବକ୍ତୃତା ଦେଇ ଆସର ସରଗରମ କରନ୍ତି, ଅଥଚ ନିଜ ସ୍ତ୍ରୀକୁ ଘରେ ଘୋଡ଼େଇ ରଖନ୍ତି । ସେମାନଙ୍କ ଭିତରେ ଏହି ଅଦ୍ଭୂତ ଦ୍ୱନ୍ଦ୍ୱ ରହିଛି । ତେଣୁ ଶରତଚନ୍ଦ୍ର କହିଛନ୍ତି "ପୁରୁଷର ନିଜର ଉନ୍ନତି ଓ ଅଗ୍ରଗତି ପାଇଁ ସ୍ୱାଧୀନତା ଓ ରୁଚିର ବିକାଶ ପାଇଁ ନାରୀ ସ୍ୱାଧୀନତା, ଶିକ୍ଷା- ଦୀକ୍ଷାରେ ଉନ୍ନତି ଓ ନାରୀତ୍ୱର ବିକାଶ ଦରକାର । ନାରୀର ନିଜସ୍ୱ ପ୍ରୟୋଜନର କଥାଟିକୁ ନ ହେଲେ ବାଦ ଦେଲି", ଏଇ ହେଲା ତାଙ୍କ ବଚନଭଙ୍ଗୀ ଓ ଏହିଭଳି ଭାବେ ବିଷୟଗୁଡ଼ିକୁ ସେ ତୋଳି ଧରିବାକୁ ଚାହିଁଛନ୍ତି ।

ରମା, କିରଣମୟୀ, ସାବିତ୍ରୀ, ରାଜଲକ୍ଷ୍ମୀ ଏମାନଙ୍କ ପରିଣତି କଥା ସ୍ମରଣ କରି ଅନେକ କହିଥାନ୍ତି ଶରତ ସାହିତ୍ୟରେ ଦୈହିକ ପ୍ରୟୋଜନକୁ ଅସ୍ୱୀକାର କରାଯାଇଛି ।





ଶରତଚନ୍ଦ୍ର କୁଆଡ଼େ ମୁଳତଃ ସଂଭୋଗ ବିରୋଧୀ ଓ ନୀତି ବାଗୀଶ' । ଏହି ଅତ୍ୟାଧୁନିକ ସମାଲୋଚକମାନେ ଶରତଚନ୍ଦ୍ରଙ୍କୁ କହୁଥିଲେ ନୀତି ବାଗୀଶ । ପୁଣି ସେ ସମୟର ନୀତିବାଗୀଶ କଟ୍ଟର ହିନ୍ଦୁ ସମାଜ ତାଙ୍କୁ କହୁଥିଲେ ବ୍ୟଭିଚାରୀ । ଏଇ ଦୁଇ ଗୋଷ୍ଠୀ ହିଁ ଭାରୀ ପ୍ରାଜ୍ଞ ! ସ୍ୱାଧୀନତା ଆନ୍ଦୋଳନ ସମୟରେ ବଙ୍ଗ ଦେଶରେ ଯେତେବେଳେ ପେଟି ବୁର୍ଜୁଆ ବିପ୍ଳବବାଦ ପ୍ରବଳ ପ୍ରଭାବ ପକାଇଥିଲା, ସେତେବେଳେ ଶରତଚନ୍ଦ୍ର ଆମର ମନକୁ ଆଚ୍ଛନ୍ନ କରି ରଖିଥିଲେ । ସେତେବେଳେ ଆମେମାନେ ଶରତ ସାହିତ୍ୟ ପ୍ରକୃତରେ ଅନୁରାଗ ସହକାରେ ପଢ଼ିଛୁ । ଏବେ ବି ସମୟ ପାଇଲେ ମଝିରେ ମଝିରେ ପଢ଼ିବା ପାଇଁ ଚେଷ୍ଟା କରୁ । ତେଣୁ ସଂଳାପଗୁଡ଼ିକ ଆଜି ବି ମନ ଭିତରେ ଗୁନ୍ଥି ହୋଇ ରହି ଯାଇଛି । "ଶ୍ରୀକାନ୍ତ"ର ଚତୁର୍ଥ ପର୍ବରେ ରାଜଲକ୍ଷ୍ମୀ ଗୋଟିଏ ଜାଗାରେ ଶ୍ରୀକାନ୍ତକୁ କହୁଛି, "ତମୁକୁ କ'ଣ ବିନା ମୂଲ୍ୟରେ ଏମିତି ଏମିତି ନେବି- ତାର ଋଣ ପରିଶୋଧ କରିବି ନାହିଁ । ଆଉ ମୁଁ ବି ଯେ ତୁମ ଜୀବନରେ ପ୍ରକୃତରେ ଆସିଥିଲି, ଯିବା ପୂର୍ବରୁ ସେହି ଆସିବାର ଚିହ୍ନ ରଖିଯିବି ନାହିଁ? ଏଭଳି ନିସ୍ଫଳା ହୋଇ ଚାଲିଯିବି, କଦାପି ମୁଁ ତାହା ହେବାକୁ ଦେବି ନାହିଁ । ଏକଥା ଶୁଣି ଶ୍ରୀକାନ୍ତର ମନ ଶ୍ରଦ୍ଧାରେ, ସ୍ନେହରେ ଆପ୍ଲୁତ ହୋଇପଡ଼ିଲା ।" ଏହି କଥା ଭିତରେ କି ଇଙ୍ଗିତ ଲୁକ୍‌କାୟିତ ରହିଛି ? ସେହି ଇଙ୍ଗିତ କେଉଁମାନଙ୍କ ପାଇଁ ଲୁକ୍‌କାୟିତ ରହିଛି ? ପାକଶାଳାର ଲୋକମାନଙ୍କ ପାଇଁ ନା ବିଜ୍ଞଜନମାନଙ୍କ ପାଇଁ ? ଆଉ ଏମାନେ କିଭଳି ବିଜ୍ଞଜନ ଯେଉଁମାନେ ଏହି କଥା ପଛରେ କି ଇଙ୍ଗିତ ଲୁଚି ରହିଛି, କିଭଳି ଶିଳ୍ପ ସମ୍ମତ ଉଚ୍ଚମାନର ଶୈଳୀରେ କେଉଁ କଥାଟି କୁହାଗଲା, ତାହା ବୁଝି ପାରନ୍ତି ନାହିଁ ? ଏହି ପ୍ରକାଶଭଙ୍ଗୀମା ଉଚ୍ଚମାନର ରସିକ ଲୋକ ନ ହେଲେ ବୁଝି ପାରିବେ ନାହିଁ । ଦେହକୁ କିଏ ଏଠି ଅସ୍ୱୀକାର କରିଛି ? ଏହି ବହିରେ ଅନ୍ୟତ୍ର ରାଜଲକ୍ଷ୍ମୀ ଶ୍ରୀକାନ୍ତକୁ କହୁଛି, 'କାଲି କଥା କହୁ କହୁ ତୁମେ ଶୋଇ ପଡ଼ିଲ, ମୋ ଗଳା ଉପରୁ ତୁମ ହାତଟିକୁ ଖସେଇ ଦେଇ ମୁଁ ଉଠି ବସିଲି । ଭୋର ହେବାରୁ ଉଠି ଆସିଲି । ଭାଗ୍ୟକୁ କୁମ୍ଭକର୍ଣ୍ଣ ନିଦ୍ରା ଅନ୍ଧକରେ ଭାଙ୍ଗେ ନାହିଁ, ନ ହେଲେ ଲୋଭାତୁର ହୋଇ ତୁମକୁ ତ ପ୍ରାୟ ଉଠାଇ ପକାଇଥିଲି !'- ଏତିକିରେ ଶେଷ । ଶରତଚନ୍ଦ୍ର ନିଜେ ହିଁ କହିଛନ୍ତି, କେବଳ ଲେଖି ପାରିବା ହିଁ ସାହିତ୍ୟିକ କ୍ଷମତା ନୁହେଁ । ଠିକ୍ ସମୟରେ ଲେଖନୀ ସଂଯତ କରିବା ବା ଅଟକି ପାରିବା ବି ସାହିତ୍ୟିକର ଏକ ଧର୍ମ ଓ କ୍ଷମତା । ଠିକ୍ କେଉଁ ଜାଗାରେ ଅଟକିଲେ ତାହା ଆହୁରି ରସଘନ ହେବ ଓ ଉଚ୍ଚମାନର ରସ ସୃଷ୍ଟି କରିବାରେ ସାହାଯ୍ୟ କରିବ,





ତାହା ବୁଝିବା ଦରକାର । ନିମ୍ନମାନର ରସିକ ଲୋକମାନଙ୍କ ପାଇଁ ରାଜଲକ୍ଷ୍ମୀ କ'ଣ କଲା ତାହା ଖୋଲାଖୋଲି କହି ନଦେଲେ ଆଉ ରସଗ୍ରାହୀ ହେବ ନାହିଁ । ଅଥଚ ପ୍ରକୃତ ରସଗ୍ରାହୀମାନଙ୍କର ତାହା ପଢ଼ିବାକୁ ଯାଇ ମୁଣ୍ଡର ଚୁଳ ବି ଠିଆହୋଇଯାଏ । ସେମାନଙ୍କ ନିକଟରେ ଏହା ବିପଜ୍ଜନକ ବ୍ୟାପାର । ଶରତଚନ୍ଦ୍ର ଉନ୍ନତ ରୁଚି ସମ୍ମତ ସୂକ୍ଷ୍ମ ରସର କାରବାର କରିଛନ୍ତି, ସ୍ଥୁଳ ରସର କାରବାର କରିନାହାନ୍ତି ।

ଶରତଚନ୍ଦ୍ରଙ୍କର ଆଉ ଏକ ଛୋଟ ଏବଂ ସାଧାରଣ ଗଳ୍ପ ହେଲା 'ବୈକୁଣ୍ଠର ଉଇଲ' । ଇଣ୍ଟେଲେକ୍‌ଚୁଆଲମାନଙ୍କ ମତରେ ଏହା କେବଳ ଏକ ଗପ ମାତ୍ର । ତା ପଛରେ କୌଣସି ଚିନ୍ତାଭାବନାର ସେଭଳି କିଛି ଖୋରାକ ନାହିଁ । ତା ସତ୍ତ୍ୱେ ବହିଟି ପଢ଼ିଲାବେଳେ ମୋତେ ଦାରୁଣ ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼େ । ଯଦି ଖୁବ୍ ତନ୍ମୟ ହୋଇ ପଢ଼େ ତେବେ ଆବେଗକୁ କୌଣସିପ୍ରକାରେ ସଂଯତ କରିପାରେ ନା । କାରଣ ବହିଟି ଭିତରେ ଲୁଚି ରହିଛି ଏଭଳି ଏକ ହଜିଯାଇଥିବା ଜିନିଷ, ଯାହା ଆଜି ବି ଆମେ ଖୋଜୁଛୁ କିନ୍ତୁ ପାଉ ନାହୁଁ । ପୁରୁଣା ଦିନର ଭ୍ରାତୃତ୍ୱର ଏକ ଯଥାର୍ଥ ମାଧୁର୍ଯ୍ୟଭରା ଚିତ୍ର ଏହି ବହିଟିରେ ମିଳେ । ଆମ ଦେଶର ତତ୍କାଳୀନ ସାମାଜିକ ଅବସ୍ଥାରେ ବହୁ ଦୋଷ ତ୍ରୁଟି ଥିଲା ଏକଥା ଠିକ୍, କିନ୍ତୁ ଗୁଣ ବି ବହୁତ ଥିଲା । ସାମନ୍ତତାନ୍ତ୍ରିକ ଅର୍ଥନୀତିକୁ ଭିତ୍ତିକରି ଆମ ଦେଶରେ ସେହି ସମୟରେ ଯେଉଁ ଏକାନ୍ନବର୍ତ୍ତୀ ପରିବାରଗୁଡ଼ିକ ଥିଲା- ସେହି ପରିବାରଗୁଡିକରେ ଭାଇ ଭାଇ ଏବଂ ଭାଇ ଭଉଣୀ ଭିତରେ ଥିଲା ମଧୁର ସମ୍ପର୍କ । ସାମନ୍ତତାନ୍ତ୍ରିକ ଅର୍ଥନୀତି ଭାଙ୍ଗିଛି, ଏକାନ୍ନବର୍ତ୍ତୀ ପରିବାରଗୁଡ଼ିକ ବି ଭାଙ୍ଗିଯାଇଛି- ତା ସ୍ଥାନରେ ବ୍ୟକ୍ତିଗତ ପରିବାର ଆସି ଯାଇଛି । ଏସବୁ ପ୍ରଗତିଧାରାରେ ହିଁ ଆସିଛି । କିନ୍ତୁ ଏହି ଏକାନ୍ନବର୍ତ୍ତୀ ପରିବାର ଭିତରେ ଦ୍ୱନ୍ଦ୍ୱ ସଂଘାତକୁ କେନ୍ଦ୍ରକରି ଯେଉଁ ସୁନ୍ଦର, ମଧୁ ଝରି ପଡୁଥିଲା ତାହାର ରସ ଆଜି ବି ପରିବେଷଣ କଲେ ଆମେ ଚାଖି ଚାଖି ଖାଉ । ଗୋକୁଳକୁ ଦେଖି କେବଳ ମନେହୁଏ, ହେଉ ପଛେ ଅଜ୍ଞ ଏବଂ ଅଶିକ୍ଷିତ ମୋର ବି ଯଦି ଏମିତି ଗୋଟାଏ ଭାଇ ଥାଆନ୍ତା !

ଗୋକୁଳର ଚରିତ୍ର ଚିତ୍ରଣ ମଧ୍ୟ ଦେଇ ଶରତଚନ୍ଦ୍ର ଆଉ ଏକ ବଡ଼ କଥା ଦେଖାଇବାକୁ ଚାହିଁଛନ୍ତି, ତାହା ହେଲା କେବଳମାତ୍ର ପୋଥିଗତ ବିଦ୍ୟା ବା ଉଚ୍ଚ ଡିଗ୍ରୀ ଥିଲେ ହିଁ ସଂସ୍କୃତିର ଯଥାର୍ଥ ସନ୍ଧାନ ଏବଂ ଅସଲ ସ୍ୱରଟି ଆୟତ୍ତ କରାଯାଇ ପାରେନା ।





ଗୋକୁଳର ଛୋଟ ଭାଇ ବିନୋଦ ବି.ଏ.ରେ ଫାଷ୍ଟକ୍ଲାସ ଫାଷ୍ଟ- ସୁନାର ମେଡେଲ ପାଇଛି, ଯାହାପାଇଁ ଗୋକୁଳ ନିଜେ ବି ଗୌରବାନ୍ୱିତ- ସେହି ବିନୋଦ କ'ଣ ଯଥାର୍ଥ ସଂସ୍କୃତିର କୌଣସି ଖବର ରଖେ ? ସେ କ'ଣ ତାର ନିଜ ମା'କୁ ବି ଯଥାର୍ଥ ସମ୍ମାନ ଦେଇ ଜାଣେ ? ସେ ବାହ୍ୟ ଆଚରଣରେ ଲୋକ ଦେଖାଣିଆ ଭଦ୍ରତା ଓ ଶାଳୀନତା ହିଁ ବଜାୟ ରଖିବାକୁ ଶିଖିଛି । ସଂସ୍କୃତିର ଅସଲ ସନ୍ଧାନ ସେ କେତେ ବା ପାଇଛି । ଆଉ ଗୋକୁଳ ଶିକ୍ଷାର ଅଭାବ ଯୋଗୁ ଏଣୁ ତେଣୁ ଗପେ କିନ୍ତୁ ଯଥାର୍ଥରେ ସମ୍ଭ୍ରମବୋଧ ଓ ସଂସ୍କୃତିର ଯାହା ଅସଲ ଦିଗ ତାହା ସେ ଅଶିକ୍ଷିତ ହୋଇ ବି ଆୟତ୍ତ କରିପାରିଛି । ତେଣୁ ସେ ତା'ର ମା' ଏବଂ ଭାଇକୁ ମର୍ଯ୍ୟାଦା ଦେଇଜାଣେ, ସବୁ ମଣିଷଙ୍କୁ ସମ୍ମାନ ଦେଇଜାଣେ । କିନ୍ତୁ ବିନୋଦ ଶିକ୍ଷିତ ହୋଇ ବି ଏକଥା ଜାଣେନା । ଗୋକୁଳର ଚରିତ୍ରଟିକୁ ଫୁଟାଇ ଏହି ସତ୍ୟଟିକୁ ହିଁ ଶରତଚନ୍ଦ୍ର ଦେଖାଇବାକୁ ଚାହିଁଛନ୍ତି । ଆଉ ଦେଖାଇବାକୁ ଚାହିଁଛନ୍ତି ପ୍ରକୃତ ଭ୍ରାତୃତ୍ୱ କ'ଣ । ଏକଥା ଠିକ୍ ଯେ ପ୍ରକୃତ ଭ୍ରାତୃତ୍ୱର ସୌନ୍ଦର୍ଯ୍ୟକୁ ଦେଖାଇବା ସତ୍ତ୍ୱେ ବି ଯେଉଁ ସାମାଜିକ ଛାଞ୍ଚକୁ ଭିତ୍ତିକରି ତାହାର ବିକାଶ ଘଟିଥିଲା- ସେହି ସମାଜ ଆଉ ଫେରି ଆସିବ ନାହିଁ । ଆଜି ପରିବର୍ତ୍ତିତ ସମାଜରେ ଏକାନ୍ନବର୍ତ୍ତୀ ପରିବାର ପରିବର୍ତ୍ତେ ବ୍ୟକ୍ତିକୈନ୍ଦ୍ରିକ ପରିବାର ଗଢ଼ି ଉଠିଛି । କିନ୍ତୁ ତା ସତ୍ତ୍ୱେ ବି ଭାଇ ଭାଇ ମଧ୍ୟରେ ସେହି ସୁନ୍ଦର ସମ୍ପର୍କଟି ନ ରହିବାର କାରଣ କ'ଣ ? ଜଣକର ଅନ୍ୟ ଉପରେ ଆର୍ଥିକ ନିର୍ଭରଶୀଳତା ନ ଥିଲେ ଭଲ ପାଇବାର ଅନୁଭୂତି ଓ ସ୍ନେହ ସମ୍ପର୍କ କ୍ଷେତ୍ରରେ ତ ପୂର୍ବ ଅପେକ୍ଷା ଉନ୍ନତ ସମ୍ପର୍କଟି ଗଢ଼ି ଉଠିବା କଥା । ପୂର୍ବରୁ ଯାହା ଥିଲା ତା ଅପେକ୍ଷା ହୀନ ସ୍ୱାର୍ଥ ସର୍ବସ୍ୱ, ନିମ୍ନରୁଚିର ପ୍ରକାଶ ଘଟିବ କାହିଁକି ? ତେଣୁ ଶରତଚନ୍ଦ୍ର ଗୋକୁଳକୁ ଏଭଳି ଏକ ମଣିଷ ଭାବେ ଗଢ଼ି ତୋଳିଛନ୍ତି ଯେ ତା' ନିଜ ଉପରେ ଶତ ଅପମାନ ଦେଖାଦେଲେ ବି, ତା'ର କ୍ଷମତା ଥିବା ସତ୍ତ୍ୱେ ବି, ସେ କୌଣସି ଲୋକକୁ ଅପମାନ କରେ ନାହିଁ । ମଣିଷକୁ ସେ ଯଥାର୍ଥରେ ଭଲ ପାଏ ଏବଂ କିଭଳି ଭାବେ ଅନ୍ୟକୁ ଭଲ ପାଇବା ଦେବାକୁ ହୁଏ, ପାଠଶାଠ ନ ପଢ଼ି ବି ଗୋଟାଏ ଲୋକ ତାହା ଆୟତ୍ତ କରିଛି । ଫଳରେ ରୁଚିର ମୂଳ ବିଷୟଟି ସେ ଆୟତ୍ତ କରିଛି । ତେଣୁ ମା'ର ସମ୍ଭ୍ରମବୋଧ କିଭଳି ରକ୍ଷା କରିବାକୁ ହୁଏ ସେ ତାହା ଜାଣେ । ତାର ଶ୍ୱଶୁର ହଜାର ଥର ଚେଷ୍ଟା କରି ବି ଭୂଲେଇ ଭାଲେଇ ତା ଦ୍ୱାରା ତା ମା'ଙ୍କ ଅମତରେ କୌଣସି କାମ କରାଇ ପାରେନା । ତାର ନିଜ ସ୍ତ୍ରୀ ବି ତାକୁ ଏ କାମ କରାଇ ପାରେନା । ଅଥଚ ଆମ ଦେଶରେ ଶିକ୍ଷିତ





ରୁଚିବାନ, ରବୀନ୍ଦ୍ର ସଂସ୍କୃତିର ଉଦ୍‌ଗାତାମାନେ ବି ସ୍ତ୍ରୀର ଅନ୍ୟାୟ ଆବ୍‌ଦାରରେ କେତେ କାଣ୍ଡ କରି ଚାଲିଛନ୍ତି । ଆଉ ଜଣେ ଅଶିକ୍ଷିତ ଲୋକ, ଯାହାକୁ କଥାର ପେଞ୍ଚରେ ପକାଇ ସବୁକିଛି କରାଇ ନିଆଯାଇପାରେ ବୋଲି ଲୋକେ ମନେ କରନ୍ତି, ତାର ଗୋଟିଏ ଜାଗାରେ କିଭଳି ଅତି ସୂକ୍ଷ୍ମ ମୂର୍ଯ୍ୟାଦାବୋଧ, ତାକୁ ସେଠାରୁ କୌଣସି ପ୍ରକାରେ ବି କେହି ହଲଚଲ କରିପାରନ୍ତି ନାହିଁ ।

ଶ୍ୱଶୁର ଝିଅକୁ ହାତ କରି ଜ୍ୱାଇଁ ଗୋକୁଳକୁ ବୁଝାଇ ଦୋକାନର ଚାବି ହାତକୁ ନେଇ ଯାଇଥିଲେ ଏବଂ ପୁରୁଣା କର୍ମଚାରୀ ଚକ୍ରବର୍ତ୍ତୀକୁ ତଡ଼ିବା ପାଇଁ ସମସ୍ତ ପରିକଳ୍ପନା ପକ୍‌କା ହୋଇଯାଇଥିଲା । ସେ ଗୋକୁଳକୁ ଭୁଲେଇ ଭାଲେଇ ବୁଝାଇ ଦେଇଥିଲେ ଯେ ସାବତ ମା' ତାର ସର୍ବନାଶ କରିଛି, ଚକ୍ରାନ୍ତ କରିଛି ଏବଂ ଏହି ସର୍ବନାଶ ହାତରୁ ରକ୍ଷା ପାଇବାକୁ ହେଲେ ତାକୁ ଚକ୍ରବର୍ତ୍ତୀକୁ ଦୋକାନରୁ ହଟାଇବାକୁ ହିଁ ପଡ଼ିବ । ଗୋକୁଳ ବି ତା'ର ଅଶିକ୍ଷା ଓ ବୁଦ୍ଧି ଦୋଷରୁ ସେମାନଙ୍କର ଚାଲାଖି ଜାଲରେ ଫଶିଗଲା ଏବଂ ବୁଝି ପକାଇଲା ଯେ, ହଁ ସେଇଆ ତ- ଇଏତ ସାବତ ମା'- ସେଇଥିପାଇଁ ତାକୁ ଦେଖିପାରେନା । ଶ୍ୱଶୁର ଓ ସ୍ତ୍ରୀର ପରାମର୍ଶରେ ସେ ଚକ୍ରବର୍ତ୍ତୀ ନିକଟରୁ ଦୋକାନର ଚାବି ନେଇ ଆସିଲା । ଗୋକୁଳର ଶ୍ୱଶୁର ବୁଝିଲେ ଯେ ସବୁ ଠିକ୍ ଠାକ୍ ହୋଇଯାଇଛି । ଜ୍ୱାଇଁ ତାର ଅକ୍ତିଆର ଭିତରକୁ ଆସିଯାଇଛି । ଗୋକୁଳର ସ୍ତ୍ରୀ ବି ଭାରି ଖୁସି ହେଲା । ସେ ବି ଭାବିଲା, ଯାହାହେଉ ଏତେ ଦିନପରେ ମା'ଙ୍କ କବ୍‌ଜାରୁ ସେ ତା'ର ସ୍ୱାମୀକୁ ନିଜ ଆୟତ୍ତକୁ ଆଣିପାରିଛି ଏବଂ ତା' ଭିତରେ ଏକ ପ୍ରବଳ ବିଜୟ ଗର୍ବ ସୃଷ୍ଟି ହେଲା ।

ଅଥଚ ଯେଉଁ ଗୋକୁଳକୁ ତା'ର ସ୍ତ୍ରୀ ଚିହ୍ନି ପାରି ନାହିଁ, ଶ୍ୱଶୁର ଚିହ୍ନି ପାରି ନାହିଁ, ମା' ବି ଚିହ୍ନି ପାରି ନାହାନ୍ତି- ସେଇ ଗୋକୁଳକୁ ସାମାନ୍ୟ ଦୋକାନୀ ହୋଇ ମଧ୍ୟ ଚକ୍ରବର୍ତ୍ତୀ ଠିକ୍ ଚିହ୍ନିଥିଲା । ସେ କୌଣସି କଥା ନ କହି ତତ୍‌କ୍ଷଣାତ୍ ଗୋକୁଳର ମା'ଙ୍କ ପାଖରେ ପହଞ୍ଚି ସବୁ ଘଟଣା ତାଙ୍କୁ ଜଣାଇଲା । ମା' ଯେତେବେଳେ ଆସି ଡାକିଲେ- ଗୋକୁଳ ! ସେତେବେଳେ ଗୋକୁଳ ତତ୍‌କ୍ଷଣାତ୍ ସବୁ ଭୂଲି ଯାଇ ଅତ୍ୟନ୍ତ ସନ୍ତ୍ରସ୍ତ ହୋଇ ଜବାବ ଦେଲା- କ'ଣ ମା' ? ମା କହିଲେ, 'ଚକ୍ରବର୍ତ୍ତୀ ମହାଶୟ ଅନେକ ଦିନର ଲୋକ, ସେ ଯେତେଦିନ ବଂଚି ରହିବେ, ମୁଁ ସେତେଦିନ ତାଙ୍କୁ ଚାକିରୀରେ ସ୍ଥାୟୀଭାବେ ରଖିଲି । ସିନ୍ଦୁକର ଚାବି ଓ ଖାତା ନେଇ ତାଙ୍କୁ ଦୋକାନକୁ ଯିବାକୁ ଦିଅ ।' ଗୋକୁଳ ତତ୍‌କ୍ଷଣାତ୍





ଚାବି ନେହ୍ଣାଟି ଝଣ ଝଣ କରି ଫିଙ୍ଗି ଦେଲା । ଚକ୍ରବର୍ତ୍ତୀ ଟିକିଏ ମୁରୁକି ହସି ଚାବି ନେହ୍ଣାଟି ନେଇ ଚାଲିଗଲା । ତାପରେ ଆରମ୍ଭ ହେଲା ଗୋକୁଳ ଉପରେ ଅଶେଷ ଲାଞ୍ଛନା ଏବଂ ତିରସ୍କାର । ଗୋକୁଳ ସବୁ କଥା ନୀରବରେ ସହ୍ୟ କରି ବସି ରହିଲା । କେବଳ ଲଜ୍ଜା ଓ ନିନ୍ଦାରେ କାନ୍ଦ କାନ୍ଦ ହୋଇ ଗୋଟିଏ କଥା କହିଲା, 'ମା' ଯେ ଶତ୍ରୁତା କରି ଏମିତି ଆଦେଶ ଦେବେ ମୁଁ କେମିତି ଜାଣିବି ?' ଦେଖନ୍ତୁ କି ଅଦ୍ଭୁତ ! ଯେଉଁ ସାବତ ମା' ଶତ୍ରୁତା କରିଛି, ସର୍ବନାଶ କରିଛି, ଚକ୍ରାନ୍ତ କରିଛି- ଏଇ କଥାଗୁଡ଼ିକ ଗୋକୁଳକୁ ବୁଝାଇ ସବୁ ଠିକ୍ ଠାକ୍ ହୋଇଯାଇଥିଲା, ସେହି ମା' ଯେମିତି ଥରେ ମାତ୍ର ଚକ୍ରବର୍ତ୍ତୀକୁ ଚାବି ଫେରାଇ ଦେବାପାଇଁ ଗୋକୁଳକୁ କହି ଚାଲିଗଲେ- ସେମିତି ସବୁ ଓଲଟ ପାଲଟ ହୋଇଗଲା । ବାସ୍, ଆଉ ଦୋକାନରେ ହସ୍ତକ୍ଷେପ ଚଳିଲା ନାହିଁ । ସ୍ତ୍ରୀର କର୍ତ୍ତୃତ୍ୱ, ଶ୍ୱଶୁରର କର୍ତ୍ତୃତ୍ୱ କୌଣସିଟି ଚଳିଲା ନାହିଁ । ଏଇ ହେଉଛି ଗୋକୁଳ !

ଶରତଚନ୍ଦ୍ର ଏହି ସାଧାରଣ ଗପଟି ଭିତର ଦେଇ ଯେଉଁ କଥାଟି ଲେଖିବାକୁ ଚାହିଁଛନ୍ତି ତାହା ହେଲା ଶିକ୍ଷାଲାଭ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । କିନ୍ତୁ ସଂସ୍କୃତିର ମୂଳ ସ୍ୱରଟି କେବଳ ଉଚ୍ଚ ଡିଗ୍ରୀ ପାଇଲେ ହିଁ ଆୟତ୍ତ କରାଯାଇପାରେନା । ତେଣୁ ବିନୋଦ ଜଣେ ଗୋଲ୍ଡ ମେଡାଲିଷ୍ଟ ହେବା ସତ୍ତ୍ୱେ ଯାହାର ସନ୍ଧାନ ପାଇନାହିଁ, ମୂର୍ଖ ଗୋକୁଳ କିନ୍ତୁ ସେହି ସମ୍ବାଦ ପାଇଛି । କେବଳ ତାହା ପ୍ରକାଶ କରି ଜାଣେନା । ଲୋକେ ତାକୁ ଭୁଲ ବୁଝନ୍ତି, ଅନେକ ବିପତ୍ତି ସୃଷ୍ଟି ହୁଏ, ଠିକ୍ ସମୟରେ ଠିକ୍ କଥାଟି ସଜାଇ କହିପାରେ ନା ବୋଲି ଯାହା ଚାହେଁ, ତାହା ଗଢ଼ିପାରେନା, ଭାଙ୍ଗିଯାଏ । ଏଇଠି ଶିକ୍ଷାର ପ୍ରୟୋଜନ । ଏଠି ସେ କହିବାକୁ ଚାହିଁଛନ୍ତି, ମୂର୍ଖ ହେବାର ଅନେକ ବିପଦ ଏବଂ ମୂର୍ଖ ରହି କିଛି କରିହୁଏନାହିଁ । କିନ୍ତୁ କେବଳ ଲେଖାପଢ଼ା ଶିଖି ଡିଗ୍ରୀ ପାଇ ହିଁ କ'ଣ ସଂସ୍କୃତିର ସ୍ୱରଟି ଆୟତ୍ତ କରାଯାଇପାରେ ? ଦେଖିଲ, ବିନୋଦ ସଂସ୍କୃତିବାନ ଓ ଉନ୍ନତ ମାନବିକ ଗୁଣର ଅଧିକାରୀ, ନା ଏଇ ମୂର୍ଖ ଗୋକୁଳ ମାନବିକ ଗୁଣର ବେଶି ଅଧିକାରୀ ? ତୁମେମାନେ ପାଠଶାଠ ପଢ଼ି ବିନୋଦ ନ ହୋଇ ଗୋକୁଳ ଯଦି ହୋଇଯାଅ ତେବେ ଯାଇ ପାଠପଢ଼ାର ସାର୍ଥକତା ରହିବ । ଆଉ ନ ପଢ଼ି ବି ଅନ୍ତତଃ ଗୋକୁଳ ହୋଇପାରିଲେ ବିନୋଦ ଅପେକ୍ଷା ସମାଜରେ ତାର କାର୍ଯ୍ୟକାରୀତା ବହୁତ ବେଶି । ସେ ମା'ଙ୍କର ମର୍ଯ୍ୟାଦା ବୁଝେ । ଯୌନତାର ସେ ଦାସ ନୁହେଁ । ସ୍ତ୍ରୀ କଥାରେ ପଡ଼ି ସେ ମା' ଓ ଭାଇକୁ କେବେ ବି ଦାଣ୍ଡରେ ବସେଇବ ନାହିଁ । ଅଥଚ ଆଜିକାର ଦିନରେ ଆମ ଦେଶରେ ତଥାକଥିତ କମ୍ୟୁନିଷ୍ଟମାନଙ୍କୁ ଓ





ପ୍ରଗତିଶୀଳ ଆନ୍ଦୋଳନର ଲୋକମାନଙ୍କୁ ମା'କୁ ଦାଣ୍ଡର ଭିକାରୀ ସଜାଇ ସ୍ତ୍ରୀକୁ ନେଇ ଫ୍ଲାଟରେ ବସବାସ କରିବା ଦେଖି ଦେଖି ମୋର ବାଳ ପାଚିଗଲାଣି । ଶରତଚନ୍ଦ୍ର ଏହି ତତ୍ତ୍ୱଗୁଡ଼ିକୁ ହିଁ ରସ ମାଧ୍ୟମରେ କହିଛନ୍ତି । ସେ ତତ୍ତ୍ୱ କଥା ଲେଖି କୌଣସିଠାରେ ବୁଝାଇବାକୁ ଚାହିଁ ନାହାନ୍ତି- 'ମୁଁ ଏଠି ଏଇ ତତ୍ତ୍ୱ ଆଲୋଚନା କରୁଛି, ଏଇ ବକ୍ତବ୍ୟ ରଖୁଛି ।' ସାହିତ୍ୟିକଭାବେ ଏହିଠାରେ ହିଁ ତାଙ୍କର ସାର୍ଥକତା ସବୁଠାରୁ ବେଶୀ । ଫଳରେ ଶରତଚନ୍ଦ୍ରଙ୍କର ମୂଲ୍ୟାୟନ ହେଲେ, ଶରତଚନ୍ଦ୍ରଙ୍କୁ ଟିକିନିଖି ପଢ଼ି ଚାଲିଲେ ଆଜିକାର ଦିନରେ ସମଗ୍ର ଦେଶରେ ଯେଉଁ ନୈତିକ ଅଧଃପତନ ଘଟୁଛି ଏବଂ ଯାହାର ପ୍ରଭାବ ବାମପନ୍ଥୀ ଆନ୍ଦୋଳନରେ ବି ପଡୁଛି- ସେହି ନୈତିକତା ଏକ ନୂତନ ମାନରେ ପହଞ୍ଚି ପାରିବ । ତା' ଭିତରେ ଏକ ବିରାଟ ପରିବର୍ତ୍ତନ ଦେଖାଦେବ । ଆଧୁନିକ ସାଂସ୍କୃତିକ ଧ୍ୟାନଧାରଣା ଭିତରେ ବି ଏକ ବିରାଟ ପରିବର୍ତ୍ତନ ସାଧିତ ହେବ ।

ସମସ୍ତେ ସ୍ୱୀକାର କରିବେ ଯେ, ସମସ୍ତ ଯୁଗରେ ସ୍ତରେ ସ୍ତରେ ଯେଉଁ ଉନ୍ନତ ଚରିତ୍ର, ଉନ୍ନତ ଚିନ୍ତାର ସୃଷ୍ଟି ହୋଇଛି, ସେହି ଧାରାରେ ବୁର୍ଜୁଆ ବିପ୍ଲବବାଦୀ ଚିନ୍ତାଧାରାଠାରୁ ବି ଉନ୍ନତ ସ୍ତରର ସର୍ବହରା ଚିନ୍ତାଧାରା ସୃଷ୍ଟି ହୋଇଛି । ଫଳରେ ବୁର୍ଜୁଆ ବିପ୍ଲବ ଯେଉଁ ମଣିଷମାନଙ୍କୁ, ଯେଉଁ ଚରିତ୍ରଗୁଡ଼ିକୁ ସୃଷ୍ଟି କରିଛି, ସର୍ବହରା ବିପ୍ଲବ ଜରିଆରେ ଯେଉଁ ମଣିଷ ବା ଚରିତ୍ରଗୁଡ଼ିକ ସୃଷ୍ଟି ହେବ- ସେଗୁଡ଼ିକ ପୁରୁଣା ଦିନର 'ହ୍ୟୁମାନିଷ୍ଟ' ବିପ୍ଲବୀ, ଅର୍ଥାତ୍ ବୁର୍ଜୁଆ ବିପ୍ଲବବାଦର ସର୍ବଶ୍ରେଷ୍ଠ ଚରିତ୍ରଗୁଡ଼ିକଠାରୁ ବି ଉନ୍ନତ ସ୍ତରର ଚରିତ୍ର ହେବ ତ ? ଅଥଚ ଆମ ସମାଜରେ ବାସ୍ତବରେ କ'ଣ ଦେଖିବାକୁ ପାଆନ୍ତି ? ଶରତଚନ୍ଦ୍ରଙ୍କ ଅମଳରେ ଏହିଭଳି ଯେଉଁ ଅଣ୍ଟାଭଙ୍ଗା ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନ- ଯା' ଭିତରେ କେତେ ଦୁର୍ବଳତା ଥିଲା, ଯେଉଁ ଆନ୍ଦୋଳନ ଧର୍ମରୁ ମୁକ୍ତହୋଇ ପାରିନାହିଁ- ସାମ୍ରାଜ୍ୟବାଦ ବିରୁଦ୍ଧରେ ବି ଯାହାର ମୂଳ ଧାରାଟି ଆପୋଷହୀନ ନଥିଲା, ଯେଉଁ ସମୟରେ ନେତାମାନେ ବି ରାଜନୈତିକ ଆନ୍ଦୋଳନର ବ୍ୟସ୍ତତା ପାଇଁ ସମାଜ ବିପ୍ଲବର ଝଣ୍ଡାଟିକୁ ପକାଇ ଦେଇଥିଲେ- ରାଜନୈତିକ ଆନ୍ଦୋଳନର ସର୍ବଶ୍ରେଷ୍ଠ ବାହିନୀ, ସର୍ବାପେକ୍ଷା ଯେଉଁମାନେ ଅଗ୍ରଣୀ ଅଂଶ, ସେମାନେ ବି ସେତେବେଳେ ଧର୍ମ ସହିତ ଓ ଐତିହ୍ୟ ସହିତ ଆପୋଷ କରିଛନ୍ତି- ଆପୋଷ କରିଛନ୍ତି ସାମାଜିକ କ୍ଷେତ୍ରରେ, ବ୍ୟକ୍ତିଗତ କ୍ଷେତ୍ରରେ ଏପରିକି ପାରିବାରିକ କ୍ଷେତ୍ରରେ ମଧ୍ୟ । ଆମେ ମନେରଖିବା ଦରକାର ସେଇଭଳି ଏକ ସମୟରେ ଶରତ ସାହିତ୍ୟ ଭଳି ସାହିତ୍ୟର କାର୍ଯ୍ୟକାରୀତା ଥିଲା ବୋଲି





ସେହି ଆନ୍ଦୋଳନର ଭାବଧାରାରେ ଯେଉଁମାନେ ପ୍ରଭାବିତ ହୋଇଛନ୍ତି, ବଙ୍ଗ ଦେଶର ସେହି ଯୁବକମାନଙ୍କ, ବିପ୍ଳବୀମାନଙ୍କ ଭିତରେ ଚରିତ୍ରର ଯେଉଁ ଦୃଢ଼ତା ଦେଖିବାକୁ ପାଇଛୁ, ଆଜି କମ୍ୟୁନିଷ୍ଟମାନେ, ଯେଉଁମାନେ, ସେମାନଙ୍କ ଠାରୁ ବହୁ ସୂକ୍ଷ୍ମାତିସୂକ୍ଷ୍ମ ଆଲୋଚନା କରନ୍ତି, ବିଶ୍ଳେଷଣ କରନ୍ତି, ବକ୍ତୃତାବାଜୀ କରନ୍ତି, କିନ୍ତୁ ଆଜି ସେମାନେ ନିଜର ଚରିତ୍ର କ୍ଷେତ୍ରରେ ସେଦିନର ସେହି ଉନ୍ନତମାନ ଟିକକ ବି ବଜାୟ ରଖିପାରୁ ନାହାନ୍ତି । ଆଜିକାର ଦିନରେ କମ୍ୟୁନିଷ୍ଟମାନେ ଯେଉଁଠି ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଅପେକ୍ଷା, ଖୁଦିରାମଙ୍କ ଅପେକ୍ଷା ଉନ୍ନତ ମଡେଲର ହେବା କଥା ସେଠି ସେଭଳି ହେବା ତ ଦୂରେ ଥାଉ, ତାଠାରୁ ବି ଅଧଃପତିତ ମାନ ଏମାନଙ୍କର । କାରଣ ହେଲା, ଏ ଦେଶରେ ଶରତ ସାହିତ୍ୟର ଯଥାର୍ଥ ମୂଲ୍ୟାୟନ କରି ନ ପାରିବା, ଏପରିକି ତଥାକଥିତ ପ୍ରଗତିଶୀଳମାନେ ତାଙ୍କୁ ସ୍ୱୀକୃତି ନ ଦେବା ଏବଂ ବ୍ୟକ୍ତି ଶରତଚନ୍ଦ୍ରଙ୍କୁ ସଠିକ୍ ଭାବେ ନ ବୁଝିପାରିବା । ଏହି କାରଣରୁ ଅତୀତ ସହିତ ବ୍ୟତିକ୍ରମ ଆଣିବାକୁ ଯାଇ ଆମେ ଧାରାବାହିକତାର ସ୍ୱରଟି ହରାଇ ବସିଛୁ ଏବଂ ଛିନ୍ନମୂଳ ହୋଇପଡ଼ିଛୁ ।

ଯିଏ ଗୋକୁଳକୁ ବୁଝି ପାରିନାହିଁ, ଯେଉଁମାନେ ଗୋକୁଳ ହୋଇ ପାରିଲେ ନାହିଁ, ଚରମ ବୋକାମୀ ଓ ଅଶିକ୍ଷା ଯୋଗୁ ତାର ଆପାତଃଦୃଷ୍ଟ ଅଶାଳୀନ ଉକ୍ତି ଓ ଅର୍ଥହୀନ ଆଚରଣ ଭିତରେ ବି ଯେ ଏକ ସୁଦୃଢ଼ ସାଂସ୍କୃତିକ ମାନ ଓ ନୈତିକ ଆଧାର ତିଷ୍ଠି ରହିଛି, ତାହା ଯେଉଁମାନେ ଲକ୍ଷ୍ୟ କରିପାରିଲେ ନାହିଁ- ସେଥିରୁ ଯେଉଁମାନେ କିଛି ଶିଖିପାରିଲେ ନାହିଁ, ସେମାନେ କ'ଣ କେବେ କମ୍ୟୁନିଷ୍ଟ ହୋଇପାରିବେ ? ଗିରିଶ ଏବଂ ଯାଦବ ଯେଉଁମାନେ ହୋଇପାରିଲେ ନାହିଁ- ସେମାନେ କେବେ ବି କମ୍ୟୁନିଷ୍ଟ ହୋଇପାରିବେ ନାହିଁ । ଆମ ସମାଜରେ ଯାଦବ, ଗିରିଶକୁ ଯିଏ ବୁଝେ, ଗୋକୁଳକୁ ଯିଏ ବୁଝେ, ଏହା ବୁଝି ଯିଏ ତାର ସମସ୍ତ ରସ ଟିକକ ନିଗାଡ଼ି ନେଇ ତା'ର ସୀମାବଦ୍ଧତା ବୁଝିପାରି ତା'ଠାରୁ ବି ଆହୁରି ଆଗେଇ ଯାଇଛି ସେଇତ ହେବ କମ୍ୟୁନିଷ୍ଟ । ଯେଉଁମାନେ ଗୋକୁଳ ହୋଇପାରି ନାହାନ୍ତି- ଯେଉଁମାନେ ବିନୋଦ ଓ ହରିଶ ପ୍ରକୃତିର- ଗୋକୁଳ ଚରିତ୍ରରେ ଯେଉଁ ସଂସ୍କୃତିର ସ୍ୱରଟି ନିହିତ ତାହାର ଖବର ରଖନ୍ତି ନାହିଁ- ସେମାନେ କମ୍ୟୁନିଜିମ୍‌ର ସ୍ଲୋଗାନ ଦେଇ କମ୍ୟୁନିଷ୍ଟ ହୋଇ ପାରିବେ କି ? ବିନୋଦ, ହରିଶ ପ୍ରଭୃତି ଗୋଷ୍ଠୀ, କମ୍ୟୁନିଷ୍ଟ ହୁଅନ୍ତି ନାହିଁ । ଗୋକୁଳ, ଯାଦବ, ଗିରିଶ ପ୍ରଭୃତି ବିକାଶ ପଥରେ କମ୍ୟୁନିଷ୍ଟ ହୁଅନ୍ତି । ନାରୀମାନେ ବିନ୍ଦୁ, ନାରାୟଣୀ, ହେମାଙ୍ଗିନୀ ନିଷ୍କୃତିର ଛୋଟ ବୋହୂ, ବଡ଼ ବୋହୂ- ଏଇ ଜାତିର





ନାରୀମାନେ ହିଁ ସୁଯୋଗ ପାଇଲେ ବିକାଶ ପଥରେ ପ୍ରକୃତ କମ୍ୟୁନିଷ୍ଟ ହୋଇପାରନ୍ତି ।

ଯେଉଁ ସାହିତ୍ୟିକମାନେ ସେମାନଙ୍କ ସାହିତ୍ୟ ଭିତରେ ଅନ୍ତଃସାରଶୂନ୍ୟ କେତେଗୁଡ଼ିଏ ବଡ଼ ବଡ଼ ବକ୍ତୃତା ଦିଅନ୍ତି ଏବଂ ଯେଉଁ ସାହିତ୍ୟ ସମାଲୋଚକ ସେହି ବଡ଼ ବଡ଼ କଥାଗୁଡ଼ିକର ମାପକାଠିରେ ବିଚାର କରନ୍ତି, ଶରତ ସାହିତ୍ୟଠାରୁ ସେହି ସାହିତ୍ୟ କେତେ ବେଶୀ ପ୍ରଗତିଶୀଳ- ଅସଲରେ ସେହି ସାହିତ୍ୟିକମାନେ ଏବଂ ସାହିତ୍ୟ ସମାଲୋଚକ ଉଭୟେ ହେଉଛନ୍ତି ଏହି 'ବୈକୁଣ୍ଠର ଉଇଲ୍'ର ବିନୋଦ ଏବଂ 'ନିଷ୍କୃତି'ର ହରିଶ ଓ ମଝିଆ ବୋହୂ ପ୍ରକୃତିର । ଏହି ସାହିତ୍ୟିକମାନେ ଓ ସାହିତ୍ୟ ସମାଲୋଚକମାନେ ଶରତଚନ୍ଦ୍ରଙ୍କର ବିଭିନ୍ନ ଗଳ୍ପ ଉପନ୍ୟାସର ନାରୀ ଓ ପୁରୁଷ ଚରିତ୍ରଗୁଡ଼ିକର ଯଥାର୍ଥ ତାତ୍ପର୍ଯ୍ୟ ବୁଝିପାରି ନାହାନ୍ତି ।

ତେଣୁ କହୁଥିଲି, ନାରାୟଣୀ ଭଳି ଝିଅମାନେ କମ୍ୟୁନିଷ୍ଟ ହୁଅନ୍ତି, ନାରାୟଣୀର ମା' ଏବଂ ମଝିଆ ବୋହୂ ଗୋଷ୍ଠୀଟି କମ୍ୟୁନିଷ୍ଟ ହୁଅନ୍ତି ନାହିଁ । ପାଠଶାଠ ପଢ଼ିଲେ ବି ନୁହେଁ । ପାଠଶାଠ ପଢ଼ିଲେ ଏହି ଧରଣର ଝିଅମାନେ ବି ଅତି ବେଶୀରେ 'ଶେଷପ୍ରଶ୍ନ'ର ବେଲା ହେବେ, କମଲ ହୋଇପାରିବେ ନାହିଁ । କମଲ ଭଳି ଝିଅମାନେ ଜ୍ଞାନ ଅର୍ଜନ ଓ ଅଭିଜ୍ଞତା ଭିତ୍ତିରେ ବିକାଶ ପଥରେ କମ୍ୟୁନିଷ୍ଟ ହୁଅନ୍ତି । ବେଲା ଭଳି ଝିଅମାନେ ସ୍ୱାଧୀନତାର ଅର୍ଥ ବୁଝିବେ ଯେ ସ୍ୱାମୀ ସହିତ ବୁଝାମଣା ନ ହେଲେ ଚାଳ ଚୁଲିର ମାମଲା ମକଦ୍ଦମା କରି ତାର ଦରମା ଓ ସମ୍ପତ୍ତିରେ କେତେ ଭାଗ ଆଦାୟ କରାଯାଇପାରେ । 'ତୁମେ ମୋତେ ବାହା ହୋଇଛ- ଛାଡ଼ପତ୍ର ହୋଇଛି ଯେତେବେଳେ, ସେତେବେଳେ ମୋତେ ଭରଣପୋଷଣ ଦେବ ନାହିଁ କାହିଁକି? ଏହି ତଥାକଥିତ ସ୍ୱାଧୀନଚେତା ନାରୀମାନେ ସହଜ ବୁଦ୍ଧିରେ ଏହି ସାଧାରଣ କଥାଟି ବୁଝନ୍ତି ନାହିଁ ଯେ, ସେ ତ ମୋତେ ଖାଲି ବାହା ହୋଇନାହିଁ ମୁଁ ବି ତ ତାକୁ ବାହା ହୋଇଛି । ଖାଇବାକୁ ଦେବାର ଦାୟିତ୍ୱ ନେବାକୁ ହେଲେ ସେ ଖାଲି ନେବ କାହିଁକି- ମୋତେ ବି ତ ଦାୟିତ୍ୱ ନେବାକୁ ହେବ । ଯଦି କେହି ଯଥାର୍ଥରେ ସ୍ୱାଧୀନଚେତା, ଶିକ୍ଷିତ ଏବଂ ନାରୀତ୍ୱର ଅଧିକାରିଣୀ ହୁଏ, ନାରୀତ୍ୱର ଯଦି ସାମନ୍ୟତମ ମର୍ଯ୍ୟାଦାବୋଧ ଥାଏ- ତେବେ କ'ଣ କୌଣସି ଝିଅ କହିପାରେ, 'ମୋତେ ବାହା ହୋଇଛ ଫଳରେ ଖାଇବାକୁ ଦେବ ନାହିଁ କାହିଁକି?' ସାଧାରଣ ପାଠପଢ଼ି ନଥିବା ପୁରୁଣା ସମାଜର ଝିଅମାନେ ଏଭଳି ଭାବେ ଭାବିପାରନ୍ତି ।

ସେମାନଙ୍କୁ ମୁଁ ଦୋଷ ଦିଏନା, କିନ୍ତୁ ଯେଉଁମାନେ ପାଠଶାଠ ପଢ଼ିଛନ୍ତି ଏବଂ ଗଣତନ୍ତ୍ର ଓ ସମାନାଧିକାରର କଥା କୁହନ୍ତି,ସେମାନେ ବି ଏହିଭଳି ଭାବେ ଚିନ୍ତା କରିଥାନ୍ତି । ସ୍କୁଲ, କଲେଜରେ ପାଠ ପଢ଼ିଛନ୍ତି, ସେମାନେ ବି ଏହିଭଳିଭାବେ ଚିନ୍ତା କରନ୍ତି । ଆଜିର ଦିନରେ ଅଧିକାଂଶ ପୁଅ ଝିଅମାନଙ୍କ ଭିତରେ ଭଲ ପାଇବା କ'ଣ, ସ୍ନେହ ମମତା କ'ଣ, ଆତ୍ମମର୍ଯ୍ୟାଦାବୋଧ କ'ଣ, ନାରୀତ୍ୱର ମୂଲ୍ୟ କ'ଣ, ସେ ସମ୍ପର୍କରେ କୌଣସି ଧାରଣା ଗଢ଼ି ଉଠିନାହିଁ କାହିଁକି ? ବଡ଼ ବଡ଼ କଥା ଆମ ଦେଶର କମ୍ ଲେଖକ କହିଛନ୍ତି କି ? କିନ୍ତୁ ଶରତଚନ୍ଦ୍ରଙ୍କୁ ସଠିକ୍ ଭାବେ ବୁଝିପାରିଲେ ଚିନ୍ତା ଭାବନାର ମୋଡ଼ ବଦଳିଯିବ । ପ୍ରତ୍ୟେକେ ବୁଝିବେ ମର୍ଯ୍ୟାଦା ହରାଇ କିଛି ପାଇବା ଭିତରେ ମନୁଷ୍ୟତ୍ୱ ନାହିଁ, ନାରୀମାନେ ବି ଏହିଭଳି ଭାବେ ଭାବିବେ । ଖାଇବା, ପିନ୍ଧିବା, ସୁଖ ସମ୍ପଦ, ଯୌନ ଜୀବନ, ଭଲ ପାଇବା, ସ୍ନେହ, ପ୍ରୀତି, ମମତା, ଏସବୁ ମଣିଷ ଜୀବନରେ ପ୍ରୟୋଜନ । କିନ୍ତୁ ମର୍ଯ୍ୟାଦା ହରାଇ ଯିଏ ଏଗୁଡ଼ିକୁ ପାଇଲା ତାର ଆଉ ରହିଲା କ'ଣ ? ଏହିସବୁ ବିଚାରଗୁଡ଼ିକ ସମାଜ ଜୀବନରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଶରତ ଚର୍ଚ୍ଚା ଏହି ବିଚାରଗୁଡ଼ିକୁ ଫେରାଇ ଆଣିବା କ୍ଷେତ୍ରରେ ବି ସାହାଯ୍ୟ କରିବ ।

ଅନେକ ତଥାକଥିତ କମ୍ୟୁନିଷ୍ଟ ଓ ପ୍ରଗତିଶୀଳ ସମାଲୋଚକମାନେ କହିବାର ଶୁଣିଛି ଯେ, ଶରତଚନ୍ଦ୍ର 'ବିପ୍ରଦାସ' ବହିଟିରେ 'ହିନ୍ଦୁ ରିଭାଇବାଲିଜ୍‌ମ୍'ର ପୃଷ୍ଠପୋଷକତା କରିଛନ୍ତି । ମୁଁ ସେମାନଙ୍କ ସହିତ ସମ୍ପୂର୍ଣ୍ଣ ଏକମତ ନୁହେଁ । ମୋର ମନେହୁଏ ଏମାନେ 'ବିପ୍ରଦାସ' ବହିଟି ଉପରଠାଉରିଆ ଭାବେ ପଢ଼ିଛନ୍ତି । ଭଲଭାବେ ପଢ଼ି ନାହାନ୍ତି, ଅଥବା ପଢ଼ିଥିଲେ ବି, ଏହି ବହିଟି ଭିତର ଦେଇ ଶରତ ଚିନ୍ତାର ଯେଉଁ ମୂଳ ସ୍ୱରଟି ପ୍ରକାଶିତ ହୋଇଛି ତାହା ସେମାନେ ବୁଝିପାରି ନାହାନ୍ତି । ତେବେ ଏକଥା ସତ୍ୟ ଯେ ସ୍ୱାଧୀନତା ଆନ୍ଦୋଳନ ଭିତରେ ହିନ୍ଦୁ 'ରିଭାଇବାଲିଜ୍‌ମ୍'ର ଯେଉଁ ପ୍ରଭାବ ଥିଲା ଶରତଚନ୍ଦ୍ରଙ୍କର କେବଳ ଗୋଟିଏ ମାତ୍ର ଉପନ୍ୟାସ ଭିତରେ ଆମେ ତାର ପ୍ରଭାବ ଦେଖିବାକୁ ପାଉ- ତାହା ହେଲା 'ବିପ୍ରଦାସ' । ଏହି ପ୍ରସଙ୍ଗରେ ଆଲୋଚନା ପୂର୍ବରୁ ଯେଉଁ ବିଷୟଟି ଆମର ମନେ ରଖିବା ଦରକାର, ତାହା ହେଲା ଜଣେ ସାହିତ୍ୟିକ ଭିତରେ ବି ସମାଜର ବହୁ ଭାବନା ଧାରଣାର ଘାତ ପ୍ରତିଘାତ ଘଟିଥାଏ । କିନ୍ତୁ କୌଣସି ସାହିତ୍ୟିକର ସାହିତ୍ୟ ଚିନ୍ତାର ପ୍ରକୃତି ନିର୍ଦ୍ଧାରଣ କ୍ଷେତ୍ରରେ ତାଙ୍କର ସାହିତ୍ୟ ଚିନ୍ତାର ମୁଖ୍ୟ ଦିଗଟିର ପ୍ରକୃତି କ'ଣ, ତାହା ନିର୍ଦ୍ଧାରଣ କରିବା ଦରକାର । ଯେମିତି ଧରନ୍ତୁ ଦୋଷଗୁଣ ମିଶାଇ ତ ମଣିଷ । ଯେତେବେଳେ





କୌଣସି ଲୋକକୁ ଆମେ ଭଲ କହୁ, ସେତେବେଳେ ତା ଭିତରେ କ'ଣ ଟିକିଏ ବି ଦୋଷର ଦିଗ ନଥାଏ ? ଫଳରେ ଦୋଷଗୁଣ ମିଶାଇ ଯେଉଁ ଲୋକ ସେହି ଲୋକକୁ ଆମେ କିଭଳି ଭାବେ ବିଚାର କରୁ ? ବିଚାର କରୁ ତା'ର ଦୋଷ ଗୁଣ ଭିତରୁ କେଉଁ ଦିଗଟି ମୁଖ୍ୟ । ଗୁଣ ଦିଗଟି ବଡ଼, ନା ଦୋଷ ଦିଗଟି ବଡ଼ । ଯା'ର ଦୋଷର ଦିଗଟି ବଡ଼ ତାକୁ ଆମେ କହୁ ଖରାପ ଲୋକ । ଯା'ର ଗୁଣ ଦିଗଟି ଅଧିକ ତାକୁ ଆମେ କହୁ ଭଲ ଲୋକ । ଏହିଭଳିଭାବେ ଯେକୌଣସି ବିଷୟର ଚାରିତ୍ରିକ ବୈଶିଷ୍ଟ୍ୟ- ତା'ର ମୁଖ୍ୟ ଦିଗଟି କ'ଣ ତାକୁ ଭିତ୍ତିକରି ବିଚାର କରିବାକୁ ପଡ଼େ ।

ଏହି ଦୃଷ୍ଟିକୋଣରୁ ବିଚାର କଲେ, 'ବିପ୍ରଦାସ' ବହିଟି ସମ୍ପର୍କରେ ପୂର୍ବୋକ୍ତ ସମାଲୋଚକମାନଙ୍କର ମତାମତ ଯଦି ସମ୍ପୂର୍ଣ୍ଣ ମାନି ନିଆଯାଏ ତେବେ ଏକଥା ଅସ୍ୱୀକାର କରିବାର କୌଣସି ଉପାୟ ନାହିଁ ଯେ, ଶରତଚନ୍ଦ୍ରଙ୍କର ସାହିତ୍ୟ ଚିନ୍ତାର ମୁଖ୍ୟ ଦିଗଟି ହେଲା ଆପୋଷହୀନ, ଧର୍ମ ନିରପେକ୍ଷ, ଯୌବନୋଦ୍ଦୀପ୍ତ, ବିପ୍ଳବାତ୍ମକ ମାନବତାବାଦ ।

'ବିପ୍ରଦାସ' ବହିଟି ସମ୍ପର୍କରେ ମୋ ଅଭିମତ ହେଲା, ସ୍ୱଦେଶୀ ଆନ୍ଦୋଳନ ଭିତରେ ହିନ୍ଦୁ ରିଭାଇବାଲିଜ୍‌ମର ଯେଉଁ ପ୍ରଭାବ ପଡ଼ିଥିଲା ତାର ପ୍ରବଳ ଚାପ ଏଡାଇ ନପାରି ଶରତଚନ୍ଦ୍ର ଅତି ଯତ୍ନରେ ଓ ଅତ୍ୟନ୍ତ ସତର୍କତା ସହକାରେ ବିପ୍ରଦାସ ଏବଂ ଦୟାମୟୀ ଚରିତ୍ର ଦୁଇଟିକୁ ସୃଷ୍ଟି କରିବାକୁ ଚାହିଁଥିଲେ । ତାଙ୍କ କଲମର ଶକ୍ତି ଏବଂ ପ୍ରକାଶଭଙ୍ଗୀମାର ଅପୂର୍ବ ଦକ୍ଷତା ଥିବା ଯୋଗୁ ବହିଟିର ପ୍ରଥମ ଅଂଶରେ ଚରିତ୍ର ଦୁଇଟି କିଛିଟା ଗୁରୁତ୍ୱ ପାଇଲେ ବି ଶେଷ ଯାଏ ଚରିତ୍ର ଦୁଇଟି ମାଟିରେ ମିଶିଯାଇଛି । ଦୃଷ୍ଟିଥିଲେ ହିଁ ଧରାପଡ଼ିବ ଯେ ବିପ୍ରଦାସକୁ ସୃଷ୍ଟି କରିବା କ୍ଷେତ୍ରରେ ଶରତଚନ୍ଦ୍ରଙ୍କର ଏତେ ଶକ୍ତିଶାଳୀ କଲମ ତାର ସ୍ୱଚ୍ଛନ୍ଦ ଗତି ହରାଇଛି । ତାଙ୍କ ଲେଖାର ଯେଉଁ ରସଘନ ସାବଲୀଳ ଭଙ୍ଗୀ ବିପ୍ରଦାସ ଓ ଦୟାମୟୀ ଚରିତ୍ର ଚିତ୍ରଣ କ୍ଷେତ୍ରରେ ତାହା ସେଭଳିଭାବେ ଫୁଟି ଉଠିନାହିଁ । କେବଳ କେତେଗୁଡ଼ିଏ କଥା ସଜାଇ ଏବଂ କେତେକାଂଶରେ ଭାବଗମ୍ଭୀର ପରିବେଶ ସୃଷ୍ଟି କରି ସେ ବିପ୍ରଦାସ ଚରିତ୍ରଟି ସୁନ୍ଦର ଭାବେ ଗଢ଼ିବା ପାଇଁ ଆପ୍ରାଣ ଚେଷ୍ଟା କରିଛନ୍ତି । ଅଥଚ ସେ, ଦ୍ୱିଜଦାସ, ବନ୍ଦନା, ଏପରିକି ବହି ଭିତରେ ଅତ୍ୟନ୍ତ ନଗଣ୍ୟ ସ୍ଥାନ ଅଧିକାର କରିଥିବା ମିଃ ରେ' ଙ୍କୁ ଯେତେବେଳେ ସେ ଉପସ୍ଥିତ କରାଇଛନ୍ତି, ସେତେବେଳେ ଯେମିତି ତାଙ୍କ କଲମ ମୁଖର ହୋଇଛି ଏବଂ ସ୍ୱାଭାବିକ ଗତିବେଗ ପାଇଛି ଏବଂ





ପ୍ରକାଶଭଙ୍ଗୀମା ବି ଯଥାର୍ଥ ରସୋତ୍ତୀର୍ଣ୍ଣ ହୋଇଛି । ଫଳରେ ଏହା ସ୍ପଷ୍ଟଭବେ ଦେଖାଯାଉଛି ଯେ, ଏତେ ଚେଷ୍ଟା ସତ୍ତ୍ୱେ ବି 'ବିପ୍ରଦାସ' ବହିରେ ବିପ୍ରଦାସ ଓ ଦୟାମୟୀଙ୍କର ଚରିତ୍ର ଚିତ୍ରଣର ପ୍ରୟାସ ତାଙ୍କର ଏକ ବ୍ୟର୍ଥ ପ୍ରଚେଷ୍ଟା ଛଡ଼ା ଅନ୍ୟକିଛି ନୁହେଁ । ଏତେ ବଡ଼ କ୍ଷମତାଶୀଳ ଲେଖକ ହେବା ସତ୍ତ୍ୱେ ବି ରିଭାଇଭାଲିଷ୍ଟ ଚରିତ୍ର ଅଙ୍କନ କରିବାକୁ ଯାଇ ତାଙ୍କ ହାତରେ ପଡ଼ି ବିପ୍ରଦାସ ଓ ବିପ୍ରଦାସର ମା'- ଦୁଇଟିଯାକ ଚରିତ୍ର ମାଟିରେ ମିଶିଯାଇଛି । ବାସ୍ତବ ଜୀବନରେ ଏହି ଉପନ୍ୟାସରେ ମହତ୍ ଭାବେ ଯେଉଁମାନେ ଫୁଟି ଉଠିଛନ୍ତି, ସେମାନେ ବିପ୍ରଦାସ ବା ତା'ର ମା ନୁହଁନ୍ତି । ଶେଷ ଯାଏ, ଦ୍ୱିଜଦାସ, ବନ୍ଦନା ଓ ତାର ଆତ୍ମଭୂଳା ବାପାଙ୍କ ଚରିତ୍ର ହିଁ ବଡ଼ ହୋଇ ଫୁଟି ଉଠିଛି ।

ଏହିଭଳି ବୁଝିଲେ ବୁଝାଯିବ ଯେ, ଚିନ୍ତାଭାବନା କ୍ଷେତ୍ରରେ ତାଙ୍କର ମାନବତାବାଦୀ ଦୃଷ୍ଟିଭଙ୍ଗୀ ଓ ମୂଲ୍ୟବୋଧ ଏହି ବହିଟିରେ ବି ତାଙ୍କ ଅଜ୍ଞାତସାରରେ ପ୍ରାଧାନ୍ୟ ପାଇଛି ।...

ତତ୍କାଳୀନ ସମୟରେ ସାହିତ୍ୟ ଚିନ୍ତା କ୍ଷେତ୍ରରେ ଶରତଚନ୍ଦ୍ର ମୂଳତଃ ଜଣେ 'ସିକ୍ୟୁଲାର ହିଉମାନିଷ୍ଟ ଥିଲେ- ମାର୍କ୍ସବାଦୀ ନଥିଲେ । ଆମେ କମ୍ୟୁନିଷ୍ଟମାନେ ଯେଉଁ ଚିନ୍ତା ଭାବନାକୁ ଲାଳନପାଳନ କରୁ- ସେହି ଚିନ୍ତା ଭାବନା ବା ଧାନ ଧାରଣା ଶରତ ସାହିତ୍ୟରେ ପ୍ରତିଫଳିତ ହୋଇନାହିଁ । ଫଳରେ ସର୍ବହରା ସଂସ୍କୃତିର ସେ ଜନ୍ମ ଦେଇଛନ୍ତି କି ନାହିଁ, ବା ଶ୍ରମିକ ଚାଷୀର ବିପ୍ଳବ କଥା ତାଙ୍କ କଣ୍ଠରେ ପ୍ରତିଧ୍ୱନିତ ହୋଇଛି କି ନାହିଁ- ଏହା ଅନ୍ତତଃ ତାଙ୍କ ସାହିତ୍ୟ ଆଲୋଚନା କ୍ଷେତ୍ରରେ ବିଚାର୍ଯ୍ୟ ବିଷୟ ନୁହେଁ । ଶରତ ସାହିତ୍ୟ ବିଚାର କ୍ଷେତ୍ରରେ ସର୍ବଦା ଯେଉଁମାନେ ଏ ଧରଣର ପ୍ରଶ୍ନ ଉଠାଇଥାନ୍ତି, ସେମାନେ ଅସଲରେ କେତେକ ଅବାନ୍ତର ବିଷୟ ଉଠାଇ ଏକ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରନ୍ତି । ଆମେ ଆଲୋଚନା କରିଛୁ- ସେ ସମୟର ସାମାଜିକ ପରିସ୍ଥିତିରେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ଭିତରେ ଆମ ଦେଶରେ ମାନବତାବାଦୀ ଚିନ୍ତାଧାରାର ସବୁଠାରୁ ପ୍ରଗତିଶୀଳ ଚିନ୍ତାର ଧାରକ-ବାହକ କେଉଁମାନେ ଥିଲେ । ଅର୍ଥାତ୍ ଭାରତବର୍ଷର ସେ ସମୟର ପରିସ୍ଥିତିରେ ବୁର୍ଜୁଆ ମାନବତାବାଦର ସବୁଠାରୁ ପ୍ରଗତିଶୀଳ ଚିନ୍ତା ଭାବନା କେଉଁମାନେ ପ୍ରତିଫଳିତ କରିଛନ୍ତି । ପେଟି ବୁର୍ଜୁଆ ବିପ୍ଳବବାଦୀମାନେ କ'ଣ? ପେଟି ବୁର୍ଜୁଆ ବିପ୍ଳବବାଦ ଯଦି ସେ ସମୟର ପରିସ୍ଥିତିରେ ବୁର୍ଜୁଆ ମାନବତାବାଦର ସବୁଠାରୁ





ପ୍ରଗତିଶୀଳ ଚିନ୍ତା ହୋଇଥାଏ ତେବେ ଶରତଚନ୍ଦ୍ର ସେହି ଚିନ୍ତାକୁ ହିଁ ମୂଳତଃ ତାଙ୍କ ସାହିତ୍ୟରେ ପ୍ରତିଫଳିତ କରିଛନ୍ତି । ଫଳରେ ତତ୍କାଳୀନ ଯୁଗର ବୁର୍ଜୁଆ ମାନବତାବାଦର ସର୍ବଶ୍ରେଷ୍ଠ ପ୍ରଗତିଶୀଳ ଚିନ୍ତାର ମାନ ଏବଂ ରୁଚିର ମାନ ଏ ଦେଶରେ ଶରତ ସାହିତ୍ୟରେ ପ୍ରତିଫଳିତ ହୋଇଛି । ତା ସତ୍ତ୍ୱେ ବି ଶ୍ରମିକ ଶ୍ରେଣୀର ଚିନ୍ତା ଭାବନାର ପାଖାପାଖି ଆସିଯାଇଥିଲେ ଶରତଚନ୍ଦ୍ର । ଶରତଚନ୍ଦ୍ରଙ୍କର ଜୀବଦ୍ଦଶାରେ ହିଁ ତାଙ୍କ ଜୀବନର ଶେଷ ପର୍ଯ୍ୟାୟରେ ହିଁ ଏ ଦେଶରେ ଶ୍ରମିକ ଆନ୍ଦୋଳନର ଜନ୍ମ ହୋଇଯାଇଥିଲା । ଫଳରେ ଲେନିନ୍‌ଙ୍କ ଭଳି ଏକ ସଠିକ୍ ମାର୍କ୍ସବାଦୀ ନେତୃତ୍ୱ ଯଦି ସେ ସମୟରେ ଏ ଦେଶରେ ଥାଆନ୍ତା ଏବଂ ସେହି ନେତୃତ୍ୱ ଯଦି ସଠିକ୍ ଲାଇନ୍‌ରେ ସାହିତ୍ୟକୁ ପ୍ରଭାବିତ କରିଥାଆନ୍ତା, ତେବେ ଗର୍କୀଙ୍କ ଭଳି ଶରତଚନ୍ଦ୍ରଙ୍କ ଜରିଆରେ ଏ ଦେଶରେ ହୁଏତ ସର୍ବହରା ସାହିତ୍ୟର ସୃଷ୍ଟି ହେବା ପୂରାପୂରି ଅସମ୍ଭବ ନଥିଲା । ଆଉ ସେଭଳି ହୋଇଥିଲେ ତାହା ଗର୍କୀଙ୍କଠାରୁ ଅନେକ ଉନ୍ନତ ଧରଣର ସାହିତ୍ୟ ହୋଇଥାନ୍ତା । କାରଣ ଶରତଚନ୍ଦ୍ରଙ୍କର ଶିଳ୍ପଶୈଳୀ ଗର୍କୀଙ୍କଠାରୁ ନିଃସନ୍ଦେହରେ ଉନ୍ନତ ଧରଣର ।

ଏ ସମ୍ପର୍କରେ ଶରତ ସାହିତ୍ୟରୁ ଗୋଟିଏ ଦୁଇଟି ଉଦାହରଣ ମୁଁ ଆପଣମାନଙ୍କ ସାମ୍ନାରେ ତୋଳି ଧରିବି । ମାନବତାବାଦୀ ମୂଲ୍ୟବୋଧ ଏବଂ ତତ୍କାଳୀନ ସମୟରେ ଉଚ୍ଚ ରୁଚିର ମାନ ପ୍ରତିଫଳିତ କରିବା ଦିଗରୁ 'ଶ୍ରୀକାନ୍ତ' ଉପନ୍ୟାସର ସାହିତ୍ୟ ମୂଲ୍ୟ ଯାହା ହେଉନା କାହିଁକି, ଶ୍ରମିକ ସଂସ୍କୃତି ଅର୍ଥରେ ତାହାର ମୂଲ୍ୟ କେତେ ? ତଥାପି ଦେଖନ୍ତୁ, 'ଶ୍ରୀକାନ୍ତ'ର ତୃତୀୟ ପର୍ବର ଗୋଟିଏ ଜାଗାରେ ଯେଉଁଠି ରେଳଲାଇନ୍ ବସାଇବା କାମ ଚାଲିଥିଲା ଏବଂ ଶ୍ରୀକାନ୍ତ ଶ୍ରମିକବସ୍ତି ଭିତରେ ରାତିଟିଏ କଟାଇବାକୁ ବାଧ୍ୟ ହୋଇଥିଲା, ଯେଉଁଠି ଶ୍ରମିକମାନଙ୍କର ଚରମ ଦୁରାବସ୍ଥା ଦେଖି ଶ୍ରୀକାନ୍ତ ମୁହଁରୁ ଯେଉଁ କଥାଟି ବାହାରି ଆସିଛି, ତାହା ଠିକ୍ ମାନବତାବାଦୀମାନଙ୍କ କଥାପରି ନୁହେଁ, ତାହା ତା'ଠାରୁ ବି ଉନ୍ନତ ଚିନ୍ତା ପ୍ରତିଫଳିତ କରିଛି । ଯେମିତି ଶ୍ରମିକମାନଙ୍କର ଅସହନୀୟ ଅମାନୁଷିକ ଦୁର୍ଦ୍ଦଶା ଦେଖି ଶ୍ରୀକାନ୍ତ କହିଛି, 'ଆଧୁନିକ ସଭ୍ୟତାର ବାହନ ତୁମେ- ତୁମେ ମର । କିନ୍ତୁ ଯେଉଁ ନିର୍ମମ ସଭ୍ୟତା ତୁମକୁ ଏଭଳି ଅବସ୍ଥାକୁ ପହଞ୍ଚାଇଛି,ତାକୁ ତୁମେମାନେ କଦାପି କ୍ଷମାକର ନାହିଁ । ଯଦି ବୋହିବାକୁ ହୁଏ, ଏହାକୁ ତୁମେମାନେ ଦ୍ରୁତ ଗତିରେ ରସାତଳକୁ ବୋହି ନେଇଯାଅ ।"





'ପଥର ଦାବୀ'ରେ ବି ଶ୍ରମିକ ଆନ୍ଦୋଳନ ସମ୍ପର୍କରେ ଶରତଚନ୍ଦ୍ର ଯେଉଁ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି ତାହା ପୂରାପୁରି ମାର୍କ୍ସବାଦ ସମ୍ମତ ନ ହେଲେ ବି ନିଃସନ୍ଦେହରେ ତାହା ଶ୍ରମିକ ଆନ୍ଦୋଳନରେ ଅର୍ଥନୀତିବାଦ ଓ ସଂସ୍କାରବାଦ ବିରୁଦ୍ଧରେ ବଳିଷ୍ଠ ପ୍ରତିବାଦର କଣ୍ଠସ୍ୱରକୁ ପ୍ରତିଫଳିତ କରିଛି ।

... ସେ ସେଠାରେ ସ୍ପଷ୍ଟ ଭାବେ ଦେଖାଇଛନ୍ତି, ଯେଉଁମାନେ ଦରମା ବୃଦ୍ଧି ଓ କେତେକ ସଂସ୍କାର ପାଇଁ ଶ୍ରମିକ ଆନ୍ଦୋଳନ କରନ୍ତି ବା ଶ୍ରମିକମାନଙ୍କୁ ସଙ୍ଗଠିତ କରନ୍ତି, ସେମାନେ ଶ୍ରମିକ ଦରଦ୍‌ର ଖୋଳପା ଆଢୁଆଳରେ ଶ୍ରମିକମାନଙ୍କର ସର୍ବନାଶ କରନ୍ତି ସବୁଠାରୁ ବେଶୀ । ସେମାନେ ଅସଲରେ ଏହି କାମ ଦ୍ୱାରା ବିପ୍ଳବର ବିରୋଧୀତା କରନ୍ତି ।

... ଶରତଚନ୍ଦ୍ର 'ପଥର ଦାବୀ' ଉପନ୍ୟାସରେ ଦର୍ଶନଗତ ଦିଗରୁ ବିଭିନ୍ନ ଭାବେ କେତେଗୁଡ଼ିଏ କଥା କହିଛନ୍ତି । ସେହି କଥାଗୁଡ଼ିକ ମାଧ୍ୟମରେ ସେ ଯେମିତି ମାନବତାବାଦୀ ଚିନ୍ତାର ସୀମାକୁ ଅତିକ୍ରମ କରିଯିବାକୁ ଚାହିଁଛନ୍ତି । ଆଜିକାର ଦିନରେ ମାନବତାବାଦୀ ମୂଲ୍ୟବୋଧ ଏକ ଢାଞ୍ଚାରେ ପଡିଯାଇଛି । ତାହା ଭଲମନ୍ଦ, ରୁଚି ଏବଂ ସୌନ୍ଦର୍ଯ୍ୟ ସମ୍ପର୍କିତ ଧାରଣା କ୍ଷେତ୍ରରେ ଏକ ଶାଶ୍ୱତ ରୂପ ବା ଛାଞ୍ଚ ତିଆରି କରିଛି । ଯେଉଁ ଧାରଣାଗୁଡ଼ିକ ଦିନେ ପୁଞ୍ଜିବାଦୀ ବିପ୍ଳବର ପ୍ରୟୋଜନରେ, ଉତ୍ପାଦନର ବିପ୍ଳବାତ୍ମକ ପରିବର୍ତ୍ତନର ପ୍ରୟୋଜନରେ ଗଢ଼ି ଉଠିଥିଲା, ପରବର୍ତ୍ତୀ କାଳରେ ମାନବତାବାଦୀମାନେ ତାହାକୁ ସ୍ଥାୟୀ ଓ ଶାଶ୍ୱତ ମର୍ଯ୍ୟାଦା ଦେଇ ଗୋଟିଏ ଜାଗାରେ ହିଁ ଅଟକାଇ ଦେବାର ଚେଷ୍ଟା କରିଛନ୍ତି । ବୁର୍ଜୁଆ ମାନବତାବାଦୀମାନଙ୍କର ସୌନ୍ଦର୍ଯ୍ୟବୋଧ, ନୀତିନୈତିକତା ଓ ରୁଚି ସଂକ୍ରାନ୍ତୀୟ ଏହି ଧରଣର ଶାଶ୍ୱତ ଧାରଣା ଓ ମାର୍କ୍ସବାଦୀମାନଙ୍କର ସୌନ୍ଦର୍ଯ୍ୟବୋଧ, ନୀତିନୈତିକତା ଓ ରୁଚି ସମ୍ପର୍କିତ ଧାରଣା ଭିତରେ ଐତିହାସିକ ଧାରାବାହିକତାର ଏକ ସଂଯୋଗ ଥିଲେ ବି- ଏ ଦୁଇଟି ଅସଲରେ ସମ୍ପୂର୍ଣ୍ଣ ଅଲଗା ଆଦର୍ଶଗତ ଛାଞ୍ଚ ଉପରେ ପ୍ରତିଷ୍ଠିତ । ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଯେଉଁ ପ୍ରୟୋଜନ ତତ୍ତ୍ୱର କଥା କହେ, ତାହା ବାସ୍ତବ ପରିସ୍ଥିତିରୁ ସୃଷ୍ଟି ହୋଇଛି । ମାର୍କ୍ସବାଦ ଅନୁଯାୟୀ ଯେଉଁ ପ୍ରୟୋଜନ ତତ୍ତ୍ୱର ଆଲୋକରେ ସମାଜର ଭାବ, ଆଦର୍ଶ, ଚିନ୍ତା- ଭାବନାଗୁଡ଼ିକର ସତ୍ୟାସତ୍ୟ ନିର୍ଦ୍ଧାରିତ ହୁଏ- ତାହା ବ୍ୟକ୍ତିର ହୀନ ସ୍ୱାର୍ଥବୋଧ ବା ପ୍ରୟୋଜନ ନୁହେଁ । 'ପଥର ଦାବୀ'ରେ ଦେଖନ୍ତୁ ଅନେକାଂଶରେ ଏହିଭଳି ଯୁକ୍ତିଧାରା ଓ ଚିନ୍ତାଧାରାର





ପ୍ରତିଫଳନ ଘଟିଛି । ଯଦିଓ ତା ଭିତରେ ଚିନ୍ତାର ମୁଖ୍ୟ ଦିଗଟି ପେଟି ବୁର୍ଜୁଆ ବିପ୍ଳବବାଦ, ଏ ଦେଶର ବିଶେଷ ପରିସ୍ଥିତିରେ ଯାହା 'ଏନାର୍କିଜିମ୍'ର ରୂପ ପରିଗ୍ରହ କରିଥିଲା ଏବଂ ଯାହା ଭିତରେ ଯୌବନୋଦ୍ଦୀପ୍ତ ମାନବତାବାଦ ହିଁ ପ୍ରତିଫଳିତ ହୋଇଛି- ତଥାପି ଅନେକ ସ୍ଥାନରେ ତାଙ୍କର ଏହି ବହିଟିରେ ସେ ମାନବତାବାଦୀ ଚିନ୍ତାକୁ ବି ଅତିକ୍ରମ କରିଯିବାକୁ ଚାହିଁଛନ୍ତି ଏବଂ କମ୍ୟୁନିଷ୍ଟ ଚିନ୍ତାଧାରା ଏବଂ ବିଚାର ଧାରାର କେତେକ ବିଷୟ ଯେମିତି ବିଜୁଳୀର ଚମକ ଭଳି ତା ଭିତରେ କେତେକାଂଶରେ ସ୍ଥାନ କରିନେଇଛି । 'ପଥର ଦାବୀ'ରେ ଗୋଟିଏ ଜାଗାରେ ସବ୍ୟସାଚୀ ମୁହଁରେ ସେ କହୁଛନ୍ତି, 'ଏହି ପରିବର୍ତ୍ତନଶୀଳ ଜଗତରେ ସତ୍ୟପୋଲବ୍ଧି ବୋଲି କୌଣସି ନିତ୍ୟବସ୍ତୁ ନାହିଁ । ତାର ଜନ୍ମ ଅଛି, ମୃତ୍ୟୁ ଅଛି । ଯୁଗେ ଯୁଗେ କାଳେ କାଳେ ମାନବର ପ୍ରୟୋଜନରେ ତାହାକୁ ନୂତନଭାବେ ଆସିବାକୁ ପଡ଼େ । ଅତୀତର ସତ୍ୟକୁ ବର୍ତ୍ତମାନ ସ୍ୱୀକାର କରିବାକୁ ହେବ- ଏ ବିଶ୍ୱାସ ଭ୍ରାନ୍ତ,ଏ ଧାରଣା କୁସଂସ୍କାର ।' ଶରତଚନ୍ଦ୍ରଙ୍କର ସତ୍ୟ ସମ୍ପର୍କରେ ଏ ଧରଣର ଚିନ୍ତା ଭାବନା ଓ ବିଚାର ଧାରା ଭିତରେ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଓ କମ୍ୟୁନିଷ୍ଟ ଚିନ୍ତାଭାବନା ତଥା ବିଚାରଧାରାର ଯଥେଷ୍ଟ ପ୍ରଭାବ ପରିଲକ୍ଷିତ ହୁଏ ।

'ପଥର ଦାବୀ'ରେ ଆଉ ଏକ ଜାଗାରେ ସବ୍ୟସାଚୀ କହୁଛନ୍ତି, 'ପଥର ଦାବୀର ଭଲମନ୍ଦ ଦ୍ୱାରା ହିଁ ମୋର ସତ୍ୟ ମିଥ୍ୟା ନିର୍ଦ୍ଧାରିତ ହୁଏ । ଏହା ମୋର ନୀତିଶାସ୍ତ୍ର, ଏହା ମୋର ଅକପଟ ମୂର୍ତ୍ତୀ । ତୁମେମାନେ କୁହ ଚରମ ସତ୍ୟ, ପରମ ସତ୍ୟ- ଏହି ଅର୍ଥହୀନ ନିଷ୍ଫଳା ଶବ୍ଦଗୁଡ଼ିକ ତୁମମାନଙ୍କ ପାଇଁ ମହାମୂଲ୍ୟବାନ । ମୂର୍ଖକୁ ଭୁଲାଇବାର ଏତେବଡ଼ ଯାଦୁମନ୍ତ୍ର ଆଉ ନାହିଁ । ମୁଁ ମିଥ୍ୟା କୁହେନା, ପ୍ରୟୋଜନରେ ସତ୍ୟ ସୃଷ୍ଟି କରେ ।' ଅର୍ଥାତ୍ ସେ କହିବାକୁ ଚାହିଁଛନ୍ତି, ଦେଶରେ ସ୍ୱାଧୀନତା ପ୍ରଶ୍ନ ସହିତ ପଥର ଦାବୀ, ସଙ୍ଗଠନର ପ୍ରୟୋଜନ ଓତଃପ୍ରୋତଃଭାବେ ଜଡ଼ିତ । ଆଉ ସ୍ୱାଧୀନତା ପ୍ରଶ୍ନ ସହିତ ଭାରତର ସର୍ବାଙ୍ଗୀନ କଲ୍ୟାଣର ପ୍ରଶ୍ନଟି ଜଡ଼ିତ ରହିଛି । ତେଣୁ ପଥର ଦାବିର ଯାହା ପ୍ରୟୋଜନ, ତାହା ସ୍ୱାଧୀନତାର ପ୍ରୟୋଜନ ଏବଂ ଯାହା ସ୍ୱାଧୀନତା ପାଇଁ ପ୍ରୟୋଜନ ତାହା ହିଁ ସବ୍ୟସାଚୀ ନିକଟରେ ସତ୍ୟ । ଦେଖନ୍ତୁ ତାପରେ ହିଁ ସେ ପୁଣି କହୁଛନ୍ତି, 'ସବ୍ୟସାଚୀର ପ୍ରୟୋଜନ ଆଉ ବ୍ରଜେନ୍ଦ୍ରର ପ୍ରୟୋଜନ ଏକ ନୁହେଁ' । ଅର୍ଥାତ୍ ଏଠାରେ ପ୍ରକୃତ ନୈର୍ବ୍ୟକ୍ତିକ ପ୍ରୟୋଜନ ସହିତ ସେ ହୀନ ବ୍ୟକ୍ତି ପ୍ରୟୋଜନର ପାର୍ଥକ୍ୟ ନିର୍ଣ୍ଣୟ କରି ଦେଖାଇବାକୁ ଚାହିଁଛନ୍ତି । ତା' ନ ହେଲେ ଯେକୌଣସି ଲୋକ ତ ତା'ର ବ୍ୟକ୍ତି ପ୍ରୟୋଜନଟିକୁ ସତ୍ୟ





ବୋଲି ଚଳାଇପାରେ । ତେଣୁ ପ୍ରୟୋଜନ କହିଲେ ମଣିଷର ବ୍ୟକ୍ତିଗତ କୌଣସି ପ୍ରୟୋଜନର ଉପଲବ୍ଧିକୁ ସେ ବୁଝାଇବାକୁ ଚାହିଁ ନାହାନ୍ତି । ସମାଜ, ମଣିଷ ଏବଂ ଇତିହାସର ଯାହା ନିର୍ବିଶେଷ ଏବଂ ପ୍ରକୃତ ପ୍ରୟୋଜନ, ସେ ସେହି ପ୍ରୟୋଜନଟିକୁ ଇଙ୍ଗିତ କରିଛନ୍ତି । ତେଣୁ ସବ୍ୟସାଚୀ ଭାରତୀକୁ ବୁଝାଉଛି, "ସ୍ୱାଧୀନତାର ପ୍ରୟୋଜନ ହେଲେ ରକ୍ତର ହୋରି ଖେଳିବାକୁ ହେବ ଏବଂ ସେଥିପାଇଁ ପ୍ରୟୋଜନ ହେଲେ ମଣିଷ ବି ଖୁନ୍ କରିପାରେ– କିନ୍ତୁ ସବ୍ୟସାଚୀର ପ୍ରୟୋଜନ ଏବଂ ବ୍ରଜେନ୍ଦ୍ରର ପ୍ରୟୋଜନ ଏକ ନୁହେଁ ।" ଏ ଦୁଇଜଣଙ୍କର ପ୍ରୟୋଜନ ସମ୍ପର୍କିତ ଉପଲବ୍ଧି ଏକ ନୁହେଁ ବୋଲି, ବ୍ରଜେନ୍ଦ୍ର ବ୍ୟକ୍ତିଗତ ଆକ୍ରୋଶରେ ମଣିଷ ଖୁନ୍ କରେ । ନିଜର ବିପଦ ଥାଉ କି ନ ଥାଉ, ଖୁନ୍ କରିବାର ସୁଯୋଗ ପାଇଲେ ହିଁ ସେ ମଣିଷ ଖୁନ୍ କରେ । ଆଉ ଯେଉଁ ସବ୍ୟସାଚୀର ଜୀବନ ଅପୂର୍ବର ବିଶ୍ୱାସଘାତକତା ଯୋଗୁ ଚୂଡ଼ାନ୍ତ ଭାବେ ବିପନ୍ନ ହୋଇ ପଡ଼ିଥିଲା, ସେ ହିଁ ଅପୂର୍ବକୁ ସବୁଠାରୁ ବେଶୀ ଉଦାରତା ଦେଖାଇଲେ । ଅନ୍ୟ ସମସ୍ତେ ଯେତେବେଳେ ଅପୂର୍ବର ଜୀବନ ନେବାପାଇଁ ଅନ୍ଧଭଳି, ଯନ୍ତ୍ର ଭଳି 'ଡିସିପ୍ଲିନ୍'କୁ ଜାବୁଡ଼ି ଧରି ବସିଛନ୍ତି– 'ଡିସିପ୍ଲିନ୍' ବି ଯେ ପ୍ରୟୋଜନରୁ ସୃଷ୍ଟି ଏବଂ ତାହା ବି ଯେ ପ୍ରୟୋଜନ ଅନୁସାରେ ପୁନର୍ବିନ୍ୟସ୍ତ remoulded ହୋଇପାରେ– ଏହି ବିଚାରଟି ବି ଯେତେବେଳେ ଅନ୍ୟମାନେ ହରାଇ ବସିଛନ୍ତି, ସେତେବେଳେ ସବ୍ୟସାଚୀ କିନ୍ତୁ ତା'ର ନିଜ ଜୀବନରେ ଯାହା ଯୋଗୁ ସବୁଠାରୁ ବେଶୀ ବିପନ୍ନ ହୋଇଥିଲା ତାକୁ ହିଁ ବଞ୍ଚାଇ ଦେଲେ ।

ଏହି ଅପୂର୍ବକୁ ବଞ୍ଚାଇବା ପାଇଁ ତାଙ୍କ ଯୁକ୍ତିଧାରା କି ଅଦ୍ଭୁତ ଦେଖନ୍ତୁ । ସେ କହିଛନ୍ତି, "ଅପୂର୍ବ ବାବୁ ଯାହା କରିଛନ୍ତି, ସେ ଆଉ ଫେରିବ ନାହିଁ । ତାର ଫଳାଫଳ ଆମକୁ ଭୋଗିବାକୁ ହେବ । ଶାସ୍ତି ଦେଲେ ବି ହେବ, ନ ଦେଲେ ବି ହେବ ।" ଆଜିକାର ଦିନରେ ଆମେ ଯେମିତି ଦ୍ୱାନ୍ଦ୍ୱିକ ପଦ୍ଧତିରେ ବିଚାର କରୁ ଯେ, ଏକ ବିଭ୍ରାନ୍ତ ଲୋକ ଆମର ବହୁତ ଅନିଷ୍ଟ କରିପାରେ, ପୁଣି ଗୋଟାଏ ଲୋକ ନିଶ୍ଚିତଭାବେ ଶତ୍ରୁପକ୍ଷର ଏଜେଣ୍ଟ ହୋଇ ବି ଆମର ଅନେକ ଅନିଷ୍ଟ କରିପାରେ; କିନ୍ତୁ ଏହି ଉଭୟ ଲୋକଙ୍କୁ କୌଣସି ଅବସ୍ଥାରେ ବି ଏକା ଦୃଷ୍ଟିରେ ଦେଖାଯାଏ ନା । ଠିକ୍ ସେହିଭଳି ସବ୍ୟସାଚୀ ଯେ ଅପୂର୍ବକୁ ବଞ୍ଚାଇଦେଲେ, ତାହାର କାରଣ, ସେ ଜଣେ ପ୍ରକୃତ ବିଶ୍ୱାସଘାତକ ଏବଂ ଜଣେ ଦୁର୍ବଳ ଚରିତ୍ରର ଲୋକ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରି ପାରିଥିଲେ । ତେଣୁ ସେ ଅପୂର୍ବ ସମ୍ପର୍କରେ ଗୋଟିଏ ଜାଗାରେ ଭାରତୀକୁ କହୁଛନ୍ତି, "ବାସ୍ତବିକ କହୁଛି ତୁମକୁ,





ଏତେ ଛୋଟ, ଏତେ ହୀନ ସେ କେବେହେଲେ ନୁହେଁ ।.... ପାଠ ପଢ଼ିଛି, ଭଦ୍ରଲୋକଙ୍କ ପୁଅ- ପରାଧୀନତାର ଲଜ୍ଜା ସେ ଅନୁଭବ କରେ । ଆଉ ଦଶ ଜଣ ବଙ୍ଗାଳୀ ପୁଅଙ୍କ ଭଳି ଯଥାର୍ଥରେ ହିଁ ସ୍ୱଦେଶର କଲ୍ୟାଣ ପ୍ରାର୍ଥନା କରେ ।" ଆଉ ଗୋଟିଏ ଜାଗାରେ କହୁଛନ୍ତି, "ଅପୂର୍ବ ଟ୍ରେଟର ନୁହେଁ, ସ୍ୱଦେଶକୁ ସେ ପୂରା ହୃଦୟ ଦେଇ ଭଲପାଏ । କିନ୍ତୁ ଅଧିକାଂଶ- ଥାଉ, ସ୍ୱଜାତିର ନିନ୍ଦା ଆଉ କରିବି ନାହିଁ, କିନ୍ତୁ ବଡ଼ ଦୁର୍ବଳ ।" ଅର୍ଥାତ୍ ସବ୍ୟସାଚୀ କହିବାକୁ ଚାହୁଁଛନ୍ତି, ଏହି ଦିଗଗୁଡ଼ିକ ଥିବା ସତ୍ତ୍ୱେ ବି ଅପୂର୍ବ ବଡ଼ ଦୁର୍ବଳ । ଆମର ବହୁ ବଙ୍ଗାଳୀଙ୍କ ଭଳି ଅନେକଟା ତାର ଅବସ୍ଥା । କିନ୍ତୁ ଅପୂର୍ବ ଏବଂ ଭାରତୀର ଜୀବନକୁ କେନ୍ଦ୍ରକରି ଯେଉଁ ସୌନ୍ଦର୍ଯ୍ୟ ଏବଂ ମାଧୁର୍ଯ୍ୟ ଗଢ଼ି ଉଠିଛି, ତାର କ'ଣ କୌଣସି ମୂଲ୍ୟ ନାହିଁ? ତେଣୁ ସବ୍ୟସାଚୀ ଭାରତୀକୁ କହିଛନ୍ତି, "ଯେଉଁ ବସ୍ତୁ ତୁମ ଭଳି ଏହି ଦୁଇଟି ସାମାନ୍ୟ ନରନାରୀକୁ ଉପଲକ୍ଷ୍ୟ କରି ଗଢ଼ିଉଠିଛି ତାର କ'ଣ କୌଣସି ମୂଲ୍ୟ ନାହିଁ ଯେ, ବ୍ରଜେନ୍ଦ୍ର ଭଳି ବର୍ବର ଗୁଣ୍ଡାଙ୍କୁ ଦେବି ତାହା ନଷ୍ଟ କରିଦେବାକୁ ? ଖାଲି ଏଇଆ ଭାରତୀ, ଖାଲି ଏଇଆ । ନ ହେଲେ ମଣିଷ ଜୀବନର ମୂଲ୍ୟ କିଛି ଅଛି ନା କ'ଣ ଆମ ପାଖରେ ? କାଣୀ କଉଡ଼ିଟିଏ ବି ନାହିଁ ।" ଏହି ଧାରଣାଗୁଡ଼ିକ ସାହିତ୍ୟରେ ସେ ହିଁ ପ୍ରଥମେ ଏ ଦେଶକୁ ଆଣିଛନ୍ତି ।

... ମୂଳତଃ ଶ୍ରମିକମାନଙ୍କୁ ନେଇ ଶରତଚନ୍ଦ୍ର ସାହିତ୍ୟ ରଚନା କରି ନାହାନ୍ତି । କିନ୍ତୁ ସେ ଚାଷୀ ଶ୍ରମିକମାନଙ୍କ କଥା ଆଦୌ ଭାବି ନାହାନ୍ତି- ଏହି ଧାରଣା ବି ସତ୍ୟ ନୁହେଁ । ଶ୍ରମିକମାନଙ୍କ କଥା ସେ ବିଭିନ୍ନ ଉପନ୍ୟାସରେ କିଛି କିଛି କହିଛନ୍ତି ଏବଂ 'ପଥର ଦାବୀ'ରେ ଶ୍ରମିକ ଆନ୍ଦୋଳନ ଯଥେଷ୍ଟ ଗୁରୁତ୍ୱ ପାଇଛି । ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ ଯେ, ସେ ତତ୍କାଳୀନ ସମୟରେ କଲିକତାର ପାଖାପାଖି ଏକ ସମାଜତାନ୍ତ୍ରିକ ଗ୍ରୁପ ତିଆରି କରିଥିଲେ ।... ଗୋଟିଏ ସ୍ଥାନରେ ଶ୍ରମିକ ଆନ୍ଦୋଳନର ଉଦ୍ଦେଶ୍ୟ ବ୍ୟାଖ୍ୟା କରିବାକୁ ଯାଇ ହୁସିଆରୀ ଦେଇ କହିଛନ୍ତି, "ଦେଖ, ଆଜି ଆମ ଦେଶର ଶ୍ରମିକମାନେ ଜାଗ୍ରତ ନୁହଁନ୍ତି, ସଂଘବଦ୍ଧ ନୁହଁନ୍ତି, ପୀଡ଼ନ ଓ ଶୋଷଣ ବି ତାଙ୍କ ଉପରେ ଅକଥନୀୟ ବର୍ବର ଭାବେ ଚାଲିଛି । ଆଜି ତୁମମାନଙ୍କର ପ୍ରୟୋଜନ ହେଲା ସେମାନଙ୍କୁ ଜାଗ୍ରତ କରିବା କାମରେ, ସଂଘବଦ୍ଧ କରିବା କାମରେ ଆତ୍ମ ନିୟୋଗ କରିବା । କିନ୍ତୁ ଜାଣିଥାଅ, ଯେଉଁଦିନ ସେମାନଙ୍କର ନିଦ ଭାଙ୍ଗିବ ସେମାନଙ୍କ ଭିତରେ ସଂଘବଦ୍ଧତା ସୃଷ୍ଟିହେବ, ସେଦିନ ସେମାନଙ୍କ ନିଜ ଭିତରୁ ହିଁ ସେମାନଙ୍କର ନେତା ତିଆରି





ହେବ; ସେଦିନ ତୁମେମାନେ ହେବ ଅନାବଶ୍ୟକ । ସେଦିନ ଯେମିତି ସେମାନଙ୍କର ପରିଚାଳନା ଭାର ସେମାନଙ୍କ ନେତାମାନଙ୍କ ହାତରେ ଛାଡ଼ି ଦେଇ ଖୁସି ମନରେ ଚାଲି ଆସିପାର, ତୁମମାନଙ୍କ ମନକୁ ଏହିଭଳି ଭାବେ ତିଆରି କରି ରଖିବା ଦରକାର । କାମ କରିବା ସଙ୍ଗେ ସଙ୍ଗେ ଯେମିତି ଚିରକାଳ ସେମାନଙ୍କୁ ନେତୃତ୍ୱ ଦେବାର ମୋହ ମନ ଭିତରେ ସୃଷ୍ଟି ନହୁଏ ।”

ତାଙ୍କର ‘ପଥର ଦାବୀ’ରେ ଦେଖିବେ ଶ୍ରମିକ ଧର୍ମଘଟର ଉଦ୍ଦେଶ୍ୟ ସମ୍ପର୍କରେ ସେ ଏଭଳି କଥା ସବୁ କହିଛନ୍ତି, ଯେଉଁ କଥାଗୁଡ଼ିକ ମାର୍କ୍ସବାଦର ପ୍ରାୟ ପାଖାପାଖି, ଶ୍ରେଣୀ ସଂଗ୍ରାମ ସମ୍ପର୍କୀୟ କଥା । ଅଥଚ ସେ ହେଲେ ଅସଲରେ ପେଟି ବୁର୍ଜୁଆ ବିପ୍ଳବବାଦର ଲେଖକ, ମାନବତାବାଦୀ ଲେଖକ । କିନ୍ତୁ ଯେହେତୁ ସେଦିନ ସ୍ୱାଧୀନତା ଆନ୍ଦୋଳନ ଭିତରେ ମାର୍କ୍ସବାଦ ବା ଶ୍ରମିକ ଆନ୍ଦୋଳନର ଚିନ୍ତାଭାବନାଗୁଡ଼ିକ ଆସି ଧକ୍କା ଦେଇଛି- ସେହେତୁ ଶରତଚନ୍ଦ୍ର ବିପ୍ଳବାତ୍ମକ ମାନବତାବାଦର ଉତ୍ତରସାଧକ ଥିଲେ ବୋଲି ତାହାର ଅନେକଟା ପାଖାପାଖି ପହଞ୍ଚି ଯାଇଥିଲେ । ତେଣୁ ସବ୍ୟସାଚୀ ମୁହଁରେ ସେ ଧର୍ମ ସମ୍ପର୍କରେ କହୁଛନ୍ତି, “ସବୁ ଧର୍ମ ମିଥ୍ୟା- ଆଦିମ ଦିନର କୁସଂସ୍କାର । ବିଶ୍ୱମାନବତାର ଏତେ ବଡ଼ ପରମ ଶତୃ ଆଉ ନାହିଁ ।” ଅଥଚ ଆମ ଦେଶରେ ପେଟି ବୁର୍ଜୁଆ ବିପ୍ଳବବାଦୀମାନଙ୍କ ଭିତରେ ବି ସେଦିନ ଏହି ଚିନ୍ତା ଅକଳ୍ପନୀୟ ଥିଲା ।

ଶରତ ସାହିତ୍ୟରେ ଆହୁରି କେତେଗୁଡ଼ିଏ ସୁନ୍ଦର ଦିଗ ରହିଛି । ସେ ସମ୍ପର୍କରେ କିଛି ଆଲୋଚନା ହେବା ଦରକାର । ଯେମିତି ଧରନ୍ତୁ ‘ଶେଷ ପ୍ରଶ୍ନ’ ଉପନ୍ୟାସ । ଏହି ଉପନ୍ୟାସଟିରେ ବୁର୍ଜୁଆ ବିପ୍ଳବର ପ୍ରଥମ ଯୁଗରେ ଭଲ ପାଇବାର ସ୍ୱାଧୀନତା ସମ୍ପର୍କରେ ଯେଉଁ ଧାରଣା ଗଢ଼ିଉଠିଥିଲା- ବୁର୍ଜୁଆ ବିପ୍ଳବବାଦର ପ୍ରଥମ ଯୁଗର ଭଲପାଇବାର ସ୍ୱାଧୀନତାର ସେହି ରୂପଟିକୁ ହିଁ ସେ ଫୁଟାଇବା ପାଇଁ ଚେଷ୍ଟା କରିଛନ୍ତି । କିନ୍ତୁ ବୁର୍ଜୁଆ ବିପ୍ଳବବାଦର ସ୍ୱାଧୀନତାର ଏହି ରୂପଟି ଅନେକଟା ଏକଦେଶଦର୍ଶୀ । ଇଉରୋପର ବୁର୍ଜୁଆମାନେ ସ୍ୱାଧୀନ ମାନସିକତା ନାମରେ ଯେଉଁ ଧରଣର ଚର୍ଚ୍ଚା କରିଛନ୍ତି ତାହା ବିଳାସିତାରେ ପର୍ଯ୍ୟବେସିତ ହୋଇଯାଇଥିଲା । ଶରତଚନ୍ଦ୍ର ତାଙ୍କର ‘ଶେଷ ପ୍ରଶ୍ନ’ ଉପନ୍ୟାସରେ ପୁରୁଣା କୂପମଣ୍ଡୁକତା, ଧର୍ମାନ୍ଧତା, କୌଣସି ବିଷୟକୁ ଅନୁଶାସନ ମାଧ୍ୟମରେ ଚିରସ୍ଥାୟୀ କରି ପକାଇବା ପାଇଁ ଚେଷ୍ଟା- ଏହି ଧରଣର ମାନସିକତାଗୁଡ଼ିକ





ବିରୁଦ୍ଧରେ କମଳକୁ ଅତି ଯତ୍ନରେ ସୁନ୍ଦର ଭାବେ ତୋଳି ଧରିଛନ୍ତି । ଏହାରି ପାଖାପାଖି କମଳର ଏକଦେଶଦର୍ଶୀତାର ଦିଗଟି ଦେଖାଇବା ପାଇଁ ରାଜେନର ଚରିତ୍ରଟି ସୃଷ୍ଟି କରିଛନ୍ତି । ଏହି ଧରଣର ଚିନ୍ତା ଆମେ ଅତୀତରେ ମାନବତାବାଦୀ ସାହିତ୍ୟରେ ପାଇବୁ ନାହିଁ । ରେନେସାଁ ଯୁଗର ସାହିତ୍ୟରେ ବି ପାଇବୁ ନାହିଁ; ପାଇବୁ ଏକମାତ୍ର ଶରତ ସାହିତ୍ୟରେ ।

'ଶେଷ ପ୍ରଶ୍ନ' ଉପନ୍ୟାସରେ ରାଜେନ୍ କମଳକୁ କହୁଛି ଯେ, ହରେନ୍ଦ୍ରର ଆଶ୍ରମଛାଡ଼ି ସେ ଚାଲିଯିବ । ସେ କହୁଛି, 'ସେମାନଙ୍କ ସହିତ ଆମର ମତ ବି ମିଶେନା, କାମର ଧାରା ବି ମିଶେନା । ମିଶେ ଖାଲି ଭଲପାଇବା ଦେଇ ।' ସେତେବେଳେ କମଳ କହିଛି, "ଏହାଠାରୁ ଆଉ ବଡ଼ କ'ଣ ରହିଛି ରାଜେନ୍? ମନ ଯେତେବେଳେ ମିଶିଛି, ଥାଉ ନା ସେଠି ମତର ଅମେଳ । ହେଉ ନା କାମର ଧାରା ଭିନ୍ନ; ସେଥିରେ କ'ଣ ବା ଆସେଯାଏ ? ସମସ୍ତେ ଏକାପରି ଭାବିବେ, ଏକାପରି କାମ କରିବେ, ତାହାହେଲେ ହିଁ ସାଙ୍ଗ ହୋଇ ବସବାସ କରିହେବ, ଏଭଳି ହେବ କାହିଁକି ? ଆଉ ଅନ୍ୟର ମତକୁ ଯଦି ଶ୍ରଦ୍ଧାକରି ନ ହେଲା ତେବେ ସେ କି ଶିକ୍ଷା ?" କମଳର ପ୍ରଶ୍ନୋତ୍ତରରେ ରାଜେନ୍ କହୁଛି, "ମନର ମିଳନଟିକୁ ମୁଁ ତୁଚ୍ଛ କରେ ନା । କିନ୍ତୁ ତାକୁ ହିଁ ଅଦ୍ୱିତୀୟ ବୋଲି ଉଚ୍ଚସ୍ୱରରେ ଘୋଷଣା କରିବା ବି ଏକ ଉଚ୍ଛାଙ୍ଗ ପଦ୍ଧତି... ସଂସାରରେ ଯେମିତି ଖାଲି ମନଟି ହିଁ ଅଛି, ଆଉ ତା ବାହାରେ ସବୁ ମାୟା, ସବୁ ଅବାସ୍ତବ, ଏହା ଭୁଲ ।" ଦେଖନ୍ତୁ ଯେଉଁ କମଳ "ଶେଷ ପ୍ରଶ୍ନ" ଉପନ୍ୟାସରେ ତାର ଅକାଟ୍ୟ ଯୁକ୍ତିରେ ଜଣ ଜଣ କରି ସମସ୍ତଙ୍କୁ ପରାସ୍ତ କଲା, ତାକୁ ରାଜେନ୍ କେମିତି ଦୃଢ଼ଭାବେ ଚାପି ଧରିଛି । କମଳର ବକ୍ତବ୍ୟ ହେଉଛି, ଯେମିତି ମନଟା ହିଁ ସବୁକିଛି- ଅନୁଷ୍ଠାନ, ମତ ଏଗୁଡ଼ିକ କିଛି ନୁହେଁ । ସେଠି ରାଜେନ୍ କମଳକୁ କହୁଛି, "ଆପଣ ବିଭିନ୍ନ ମତବାଦକୁ ଶ୍ରଦ୍ଧା କରିପାରିବାଟିକୁ ବିରାଟ ଶିକ୍ଷା କହିଥିଲେ, କିନ୍ତୁ ସବୁପ୍ରକାର ମତକୁ ଶ୍ରଦ୍ଧା କିଏ କରିପାରେ ଜାଣନ୍ତି ? ଯାହାର ନିଜର କୌଣସି ମତ ନାହିଁ । ଶିକ୍ଷା ବଳରେ ବିରୋଧୀ ମତକୁ ନିଃଶବ୍ଦରେ ଉପେକ୍ଷା କରାଯାଇପାରେ ମାତ୍ର ଶ୍ରଦ୍ଧା କରାଯାଇପାରେ ନା । ଅର୍ଥାତ୍ ସେ କହିବାକୁ ଚାହିଁଛି ଶିକ୍ଷା ଦ୍ୱାରା ବିରୋଧୀ ମତକୁ ସହ୍ୟ କରାଯାଇପାରେ, ବରଦାସ୍ତ କରା।ଇପାରେ ଯାହାକୁ ଆମେ କହୁ, ବିରୋଧୀ ମତ ପ୍ରତି 'ଫିଲସଫିକାଲ ଟଲାରେନ୍ସ', ତାଙ୍କର ବକ୍ତବ୍ୟ ସେହି ଚିନ୍ତାର କେତେ ପାଖାପାଖି ! କିନ୍ତୁ ଅନ୍ୟର ମତକୁ ଶ୍ରଦ୍ଧା ସେ ହିଁ କରିପାରେ, ଯାହାର ନିଜର





କୌଣସି ମତ ନାହିଁ ।

ପୁଣି ସେ କହିଛି, ମନର ମିଳନଟା ହିଁ ସବୁକିଛି ନୁହେଁ । ବାହ୍ୟ ଅନୁଷ୍ଠାନଟିର ବି ମୂଲ୍ୟ ରହିଛି । ତେଣୁ କମଲ ନିକଟରେ ତାର ବକ୍ତବ୍ୟ ହେଲା ଏଇ ଯେଉଁ ଶିବନାଥ ଏବଂ କମଲର ଏତେ ବିରାଟ ଏକ ଭଲପାଇବା ସେଇଠି ହୁଏତ ବାହ୍ୟ ଅନୁଷ୍ଠାନଟି ମିଥ୍ୟା ଥିଲା ବୋଲି ତାହା ଏତେ ସହଜରେ ନଷ୍ଟ ହୋଇଗଲା,  ସେ କମଲକୁ କହୁଛି, "ଆପଣଙ୍କ ନିଜ ବିବାହ କ୍ଷେତ୍ରରେ ମନର ମିଳନଟିକୁ ଏକମାତ୍ର ସତ୍ୟ ରୂପେ ସ୍ଥିର କରି ବାହ୍ୟ ଅନୁଷ୍ଠାନର ଗୁରୁତ୍ୱକୁ କିଛି ନୁହେଁ ବୋଲି କହି ଉଡ଼େଇ ଦେଇଥିଲେ । ତାହା ସତ୍ୟ ନୁହେଁ ବୋଲି ଆଜି ଆପଣମାନଙ୍କର ସବୁକିଛି ଅସତ୍ୟ ହୋଇଗଲା ।" ଅର୍ଥାତ୍ ସେ କହିବାକୁ ଚାହୁଁଛି, ଭଲପାଇବା ନଷ୍ଟ ହେବା କ୍ଷେତ୍ରରେ ବାହ୍ୟ ଅନୁଷ୍ଠାନ ପ୍ରତି ଏହି ମନୋଭାବର ଅବଦାନ ରହିଛି । କାରଣ ତାହାର ବି ଏକ ଭୂମିକା ରହିଛି । ପୁଣି ଅନୁଷ୍ଠାନଟି ଠିକ୍ ଭାବେ କରାଗଲେ ବି ଭଲ ପାଇବା ନଷ୍ଟ ହୋଇପାରନ୍ତା ନାହିଁ, ତା ନୁହେଁ, କିନ୍ତୁ ଏହି ଭଲ ପାଇବା ନଷ୍ଟ ହେବା ମୂଳରେ ବାହ୍ୟ ଅନୁଷ୍ଠାନ ନ ହେବାର ଯେ ଆଦୌ ଅବଦାନ ନଥିଲା; ଏକଥା ବି କୁହାଯାଇପାରେନା । ଏହାପରେ ରାଜେନ୍ ତାର ନିଜସ୍ୱ ଯୁକ୍ତି ଦର୍ଶାଇ କହିଛି ଯେ, "କ'ଣ ହେବ ମୋର ମନର ମିଳନ ଦେଇ- ମୁଁ ଚାହେଁ ମତର ଐକ୍ୟ, କାମର ଐକ୍ୟ- ସେହି ଭାବବିଳାସିତାର ମୂଲ୍ୟ ଆମ ନିକଟରେ ନାହିଁ ।" ଏହା ହେଲା ଏକ ଧରଣର ଯାନ୍ତ୍ରିକ ବସ୍ତୁବାଦୀ ଚିନ୍ତା ।

"ପଥର ଦାବୀ"ରେ ସବ୍ୟସାଚୀକୁ ବି ଶରତଚନ୍ଦ୍ର ଅନେକଟା ଏହିଭଳିଭାବେ ଚିତ୍ରିତ କରିଛନ୍ତି । ଔଦାର୍ଯ୍ୟର ଯେ କୌଣସି କଥା ତାଙ୍କ ଦୃଷ୍ଟିରେ ପଡ଼ିଛି, ତାକୁ ସେ ମର୍ଯ୍ୟାଦା ଦେଇଛନ୍ତି । କିନ୍ତୁ ସେ ବି ମନର ଅନୁଭୂତି ନେଇ ଭାବିବା ପାଇଁ ସେଭଳି ଅବସର ପାଇ ନାହାନ୍ତି, ଚିନ୍ତା ବି କରି ନାହାନ୍ତି । ତେଣୁ ସୁମିତ୍ରା ତାଙ୍କୁ ଏକ ଘୋଡଣୀ ଭିତରେ ଥିବା 'ବୟଲର' ସହିତ ତୁଳନା କରିଥିଲା । ସେହି ଘୋଡ଼ଣୀ ଦିଆ ବୟଲରଟି ବାହାରୁ ନିରୁତ୍ତାପ ଓ ଥଣ୍ଡା ମନେ ହେଲେ ବି ଭିତରେ ତାର ନିଆଁ ଦାଉ ଦାଉ ହୋଇ ଜଳୁଛି । ଭାରତୀକୁ ନେଇ ସୁମିତ୍ରା ଯେତେବେଳେ କାରଖାନା ପରିଦର୍ଶନ କରୁଛି, ସେତେବେଳେ ବୟଲର ଘୋଡ଼ଣୀ ଖୋଲିଯିବା ମାତ୍ରେ ଭିତରର ନିଆଁଟି ପ୍ରଚଣ୍ଡ ଶକ୍ତି ନେଇ ଫାଟି ପଡୁଥିଲା । ତାହା ଦେଖିବା ପରେ ସୁମିତ୍ରାର ଏକ ଦୀର୍ଘନିଶ୍ୱାସ ପଡ଼ିଲା । ସେ ଭାରତୀକୁ





କହୁଛି, "ଏହି ଭୟାନକ ଯନ୍ତ୍ରଟିକୁ ଚିହ୍ନି ଥାଅ ଭାରତୀ, ତୁମର ଡାକ୍ତର ବାବୁଙ୍କୁ ଚିହ୍ନି ପାରିବ ।" ଅର୍ଥାତ୍ ସୁମିତ୍ରା କହୁଛି ଯେ, ଡାକ୍ତର ବାବୁ ବି ଏହିଭଳି ଏକ ଯନ୍ତ୍ର, ଯାହାଙ୍କ ଭିତରେ କେବଳ ସ୍ୱାଧୀନତାର ଆକାଂକ୍ଷା ଦାଉ ଦାଉ ହୋଇ ଜଳୁଛି ଆଉ ସ୍ନେହ-ପ୍ରେମ-ପ୍ରୀତି ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଛି । କିନ୍ତୁ ସବ୍ୟସାଚୀର ଯେ ସବୁ ବିଷୟ ଜଳିପୋଡ଼ି ପାଉଁଶ ହୋଇନାହିଁ- ତାହାର ପ୍ରମାଣ ଅପୂର୍ବର ଜୀବନଦାନ । ତାହାର ପ୍ରମାଣ ଭାରତୀ ସହିତ ତାଙ୍କର ଏଭଳି ସ୍ନେହଭରା ମଧୁର ସମ୍ପର୍କ । କିନ୍ତୁ ଏହାକୁ ନେଇ ବେଶୀ ମୁଣ୍ଡ ଖେଳାଇବା ବା ବିଳାସ କରିବାର ଅବକାଶ ତାଙ୍କର ନଥିଲା । ରାଜେନ୍ ବି ପ୍ରାୟ ଅନୁରୂପ । ଶରତଚନ୍ଦ୍ରଙ୍କର ଏହି ଚରିତ୍ରଗୁଡ଼ିକୁ ଚିତ୍ରଣ କରିବା କ୍ଷେତ୍ରରେ ଯାନ୍ତ୍ରିକତାର ପ୍ରଭାବ ରହିଛି । କିନ୍ତୁ ତା ସତ୍ତ୍ୱେ ବି ଏହି ଘଟଣା ଦ୍ୱାରା ମୁଁ ଦେଖାଇବାକୁ ଚାହୁଁଛି ଯେ, ଅତୀତରେ ୟୁରୋପର ମାନବତାବାଦୀ ସାହିତ୍ୟ, ଯାହା ଭଲ ପାଇବାର ସ୍ୱାଧୀନତା ପାଇଁ ଲଢ଼ିଛି- ତାହାର ଯେଉଁ ଏକଦେଶଦର୍ଶୀତା- ସେହି ଏକଦେଶଦର୍ଶୀତାରୁ ଶରତଚନ୍ଦ୍ର ମୁକ୍ତଥିଲେ । ତାହା ମଧ୍ୟ ସେ ସମୟର ସାମାଜିକ ପରିସ୍ଥିତିରେ ବହୁଳାଂଶରେ ବିପ୍ଳବାତ୍ମକ ଭୂମିକା ପାଳନ କରିଛି ।

ଶରତ ସାହିତ୍ୟରେ ଏହି ବିଷୟଗୁଡ଼ିକର ନିହିତ ଅର୍ଥ କ'ଣ, ତାହା ଯେଉଁମାନେ ଅନୁଧ୍ୟାନ କରିବାକୁ ସକ୍ଷମ ହୋଇ ନାହାନ୍ତି, ସେହି ବଡ଼ ବଡ଼ କଥାଗୁଡ଼ିକ ନେଇ ଫାଙ୍କିବାଜୀର କାରବାର କରୁଥିବା ତଥାକଥିତ ବିଦ୍‌ଗଧ ପଣ୍ଡିତମାନେ କହିଥାନ୍ତି- ସେ 'ଜମିଦାରମାନଙ୍କୁ ନେଇ ଗପ ଲେଖନ୍ତି', 'ସେ ପାକଶାଳାର ସାହିତ୍ୟିକ', 'ଶରତ ସାହିତ୍ୟରେ ପୁଣି ଉଚ୍ଚ ରସ କ'ଣ ଅଛି (?)' ପ୍ରଭୃତି । ଏହି ଧରଣର ସମାଲୋଚକମାନେ ହେଲେ ସେଇ ଧରଣର 'ଇଣ୍ଟେଲେକଚୁଆଲ(!) ଯେଉଁମାନେ ସଭା ସମିତିରେ ବଡ଼ ବଡ଼ କଥା କହନ୍ତି ଏବଂ ପରମୁହୂର୍ତ୍ତରେ ଆସି ଭାଇକୁ ସର୍ବସ୍ୱାନ୍ତ କରି ବିଷୟ ସମ୍ପତ୍ତି ଆତ୍ମସାତ୍ କରିବାକୁ ସାମାନ୍ୟତମ ଲଜ୍ଜାବୋଧ କରନ୍ତି ନାହିଁ, ବିଧବା ଭଉଣୀକୁ ଖାଇବାକୁ ଦିଅନ୍ତି ନାହିଁ ଏବଂ ନିଜର ସ୍ତ୍ରୀ ଦ୍ୱାରା ମା'ର ଅସମ୍ମାନ କରିଥାନ୍ତି ।

... ଆମ ଦେଶରେ ଆଜି ଯଦି ଯୁଗ ପ୍ରୟୋଜନକୁ ଲକ୍ଷ୍ୟ ରଖି ସର୍ବହରା ସଂସ୍କୃତି, ସର୍ବହରା ସାହିତ୍ୟ... ଯାହାକୁ ଆମେ କହିପାରୁ- ଏ ଦେଶର ରବୀନ୍ଦ୍ର- ଶରତ ପରବର୍ତ୍ତୀ





ସାହିତ୍ୟ- ଯଦି ସେହି ସାହିତ୍ୟ ସୃଷ୍ଟି କରିବାକୁ ହୁଏ, ତାହା ସେତେବେଳେ ହିଁ ସମ୍ଭବ; ଯେତେବେଳେ ମାନବତାବାଦୀ ସାହିତ୍ୟର ଏହି ସର୍ବାପେକ୍ଷା ବିପ୍ଳବାତ୍ମକ ଧାରାଟି ଯାହା ଶରତ ସାହିତ୍ୟରେ ପ୍ରତିଫଳିତ ହୋଇଛି, ତାହା ଆପଣମାନେ ଅନୁଧାବନ କରିବାକୁ ସକ୍ଷମ ହେବେ ଏବଂ ତାହାକୁ ସମ୍ପୂର୍ଣ୍ଣ ଭାବେ ନିଃଶେଷିତ କରିପାରିବେ । ଅର୍ଥାତ୍ ତାର ରସ ସମ୍ପୂର୍ଣ୍ଣ ନିଗାଡ଼ି ନେଇ ତାକୁ ହଜମ କରି ତାର ଖାଦ ଅଂଶତକ ଫିଙ୍ଗି ଦେଇପାରିବେ । ସେତେବେଳେ ଯାଇ ଆପଣମାନେ ଆଜିକାର ଯୁଗର ଉନ୍ନତତର ସର୍ବହରା ସଂସ୍କୃତିର ଜନ୍ମ ଦେଇ ପାରିବେ । କାରଣ ସର୍ବହରା ସଂସ୍କୃତି ମାନବତାବାଦୀ ସଂସ୍କୃତିରୁ ନିମ୍ନସ୍ତରର ହେଲେ- ଅର୍ଥାତ୍ ରବୀନ୍ଦ୍ର-ଶରତ ସାହିତ୍ୟଠାରୁ ନିମ୍ନସ୍ତରର ରୁଚିର ମାନକୁ ପ୍ରଦର୍ଶିତ କଲେ ତା ଯେ କେବଳ ଚଳିବ ନାହିଁ ତା ନୁହେଁ, ଏହା ଶ୍ରମିକ ଆନ୍ଦୋଳନର ଅଣ୍ଟା ଭାଙ୍ଗିଦେବ ଏବଂ ତାହା ଶେଷ ପର୍ଯ୍ୟନ୍ତ ବୁର୍ଜୁଆମାନଙ୍କ ପାଇଁ ସୁବିଧା ସୁଯୋଗ ଯୋଗାଇ ଦେବ । ବୁର୍ଜୁଆ ସମାଜକୁ ଶ୍ରମିକ କେବେ ବି ଭାଙ୍ଗି ପାରେ ନା ତାଠାରୁ ଛୋଟ ଜିନିଷ ଦେଇ । ବୁର୍ଜୁଆ ମାନବତାବାଦ ଆଦର୍ଶ କ୍ଷେତ୍ରରେ, ରାଜନୀତି କ୍ଷେତ୍ରରେ, ସାହିତ୍ୟ କ୍ଷେତ୍ରରେ ଯାହା ସୃଷ୍ଟି କରିଛି, ସେ ସମସ୍ତ ଦିଗରୁ ତାଠାରୁ ଉନ୍ନତତର ବିଷୟ ଦ୍ୱାରା ଯେତେବେଳେ ଆଘାତ କରାଯିବ- କେବଳ ମାତ୍ର ସେତେବେଳେ ହିଁ ଶ୍ରମିକ ଆନ୍ଦୋଳନ ବୁର୍ଜୁଆ ସମାଜ ବ୍ୟବସ୍ଥାକୁ ଭାଙ୍ଗି ପାରିବ । ଫଳରେ ତଦାନୀନ୍ତନ ସମାଜରେ ସବୁଠାରୁ ବିପ୍ଳବାତ୍ମକ ମାନବତାବାଦୀ ଚିନ୍ତା ଯେଉଁ ସାହିତ୍ୟରେ ପ୍ରତିଫଳିତ ହୋଇଛି ଏବଂ ଚିନ୍ତା, ଶିଳ୍ପଗତ ମାନ ଓ ରସ ସୃଷ୍ଟି କ୍ଷେତ୍ରରେ ସେହି ସାହିତ୍ୟ ଯେଉଁ ଉଚ୍ଚମାନ ଗଢ଼ି ତୋଳିଥିଲା- ଆଜିକାର ଦିନର ସର୍ବହରା ସଂସ୍କୃତିର ଉତ୍ତରସାଧକମାନେ ଯଦି ସେହି ସାହିତ୍ୟକୁ ଉପଯୁକ୍ତଭାବେ ଅନୁଧାବନ କରି ନ ପାରନ୍ତି, ତେବେ ସର୍ବହରାଶ୍ରେଣୀର ସାହିତ୍ୟ ବି ସେମାନେ କେବଳ ଫର୍ମୁଲା ଅନୁଯାୟୀ ତିଆରି କରିବେ ସିନା, ତାର ସ୍ୱରୂପ ସେମାନେ ବୁଝି ପାରିବେ ନାହିଁ ।

... ଶରତ ସାହିତ୍ୟକୁ ଆମେ ସଠିକ୍ ଭାବେ ଉପଲବ୍ଧି କଲେ ଆଜିକାର ପ୍ରଗତିଶୀଳ ଆନ୍ଦୋଳନରେ ନୀତିନୈତିକତାର ଏକ ଭିତ୍ତି ତିଆରି ହେବ । ପରସ୍ପର ମତଗୁଡ଼ିକର ସଂଘର୍ଷ ମଧ୍ୟ ଦେଇ ସତ୍ୟକୁ ପାଇବାର ଏକ ରାସ୍ତା ଆମେ ଖୋଜି ପାଇବାକୁ ସକ୍ଷମ ହେବୁ । ଶରତଚନ୍ଦ୍ରଙ୍କୁ ବିସ୍ମୃତ ହେବା ଫଳରେ ଆଜିକାର ଦିନରେ ରାଜନୈତିକ ଆନ୍ଦୋଳନ, ଗଣ ଆନ୍ଦୋଳନ, ସାହିତ୍ୟ ଆନ୍ଦୋଳନ କ୍ଷେତ୍ରରେ ନୀତି ନୈତିକତା, ରୁଚି ସଂସ୍କୃତିର ଉଚ୍ଚ ମାନଟି ତଳକୁ ଖସି ଯାଇଛି । ଯେଉଁ ଉଚ୍ଚମାନଟି ଏ ଦେଶରେ ଦିନେ





ଗଢ଼ି ଉଠିଥିଲା, ତାହା ଧୂଳିସାତ୍ ହୋଇଯାଇଛି । ଫଳରେ ଆମେ ଛିନ୍ନମୂଳ ହୋଇପଡ଼ିଛୁ । ତେଣୁ ଆମେ ବଡ଼ ବଡ଼ କଥା କହୁ କିନ୍ତୁ ଉଚ୍ଚ ହୃଦୟବୃତ୍ତିର କାରବାର କରୁନା । କୌଣସି ଆନ୍ଦୋଳନ ତ କେବଳ ମାତ୍ର ବୁଦ୍ଧିର କାରବାର ନୁହେଁ । ବୁଦ୍ଧି ଏବଂ ହୃଦୟବୃତ୍ତିର କାରବାର । ବିପ୍ଳବ ବି ସେଇଆ । ଚିନ୍ତା ଆଗେଇ ଯାଉଛି, ସେଠି ହୃଦୟ ବୃତ୍ତିର ଆଧାରଟି ନିମ୍ନ ସ୍ତରରେ ରହିଥିଲେ ତ ବ୍ୟବଧାନ ବଢ଼ିଯିବ । ତାହାହେଲେ ଆନ୍ଦୋଳନ ଓ ଚିନ୍ତା ବି ଶେଷ ପର୍ଯ୍ୟନ୍ତ ବିପଥଗାମୀ ହେବ । ଫଳରେ ପଥ ମିଳିବ ନାହିଁ । ଆଜିକାର ଦିନରେ ଭାରତବର୍ଷର ଗଣ ଆନ୍ଦୋଳନର ସ୍ତରେ ସ୍ତରେ ଯେ ନୀତିନୈତିକତା ନାହିଁ- ଏହି ସତ୍ୟ ମୁଁ ଅତ୍ୟନ୍ତ ବ୍ୟଥାର ସହିତ ଲକ୍ଷ୍ୟ କରୁଛି । ଆପଣମାନେ ଜାଣନ୍ତି ମୁଁ ରାଜନୀତି କରେ । ମୁଁ ବାମପନ୍ଥୀ ଆନ୍ଦୋଳନ ଓ ସାମ୍ୟବାଦୀ ଆନ୍ଦୋଳନ ସହ ସମ୍ପୃକ୍ତ । ଏମାନେ ମୋତେ କାହିଁକି ସାହିତ୍ୟ ସଭାକୁ ଡାକନ୍ତି, ତାହା ଏମାନେ ହିଁ ଭଲଭାବେ ଜାଣନ୍ତି । ମଝିରେ ମଝିରେ ଟାଣି ଆଣନ୍ତି ବୋଲି ଆସିବାକୁ ହୁଏ । କିନ୍ତୁ ଏହି ଆନ୍ଦୋଳନ ଭିତରୁ ଗୋଟିଏ କଥା ମୋତେ ବାରମ୍ବାର ଆଘାତ ଦେଉଛି । ତାହାହେଲା ଏହି ନୀତିନୈତିକତା ଓ ସଂସ୍କୃତିର ସ୍ୱର ଏବଂ ଆଧାରଟି ଧସି ଯାଇଛି । ତେଣୁ ଆଜି କେବଳ ସ୍ଲୋଗାନ ସର୍ବସ୍ୱ ଆନ୍ଦୋଳନ ହେଉଛି । ଫଳରେ ବାରମ୍ବାର 'ପରିବର୍ତ୍ତନ ଚାହେଁ, ବିପ୍ଳବ ଚାହେଁ' ବୋଲି ଢେଉଭଳି ଫୁଲି ଫୁଲି ଆସୁଛି ଆନ୍ଦୋଳନ । ମଣିଷ ମରୁଛି, ଯୁବକମାନେ ମରୁଛନ୍ତି, କିନ୍ତୁ ବିପ୍ଳବ ହେଉ ନାହିଁ । ପରିବର୍ତ୍ତନ ଆସୁ ନାହିଁ । ଏହିଭଳି ବିଚ୍ଛିନ୍ନ ଏକାନ୍ତ ଭାବେ ରୁଚି ସଂସ୍କୃତି ବର୍ହିଭୂତ ଆନ୍ଦୋଳନରେ କେବଳ ଲଢ଼େଇ କଲେ, ପ୍ରାଣ ଦେଲେ ତା ଦ୍ୱାରା ପରିବର୍ତ୍ତନ ଆସିବ ନାହିଁ । ସୁନିର୍ଦ୍ଦିଷ୍ଟ ରାଜନୈତିକ ଲକ୍ଷ୍ୟ ଭିତରେ ନୀତି ଭିତ୍ତିକ ଆନ୍ଦୋଳନ ହେଲେ ତେବେଯାଇ ଜାତିର ମେରୁଦଣ୍ଡ ସଳଖ ହେବ ।

ଶରତ ସଂସ୍କୃତିର ଚର୍ଚ୍ଚା, ଶରତଚନ୍ଦ୍ରଙ୍କର ଚିନ୍ତା ଭାବନା ନେଇ ଆଳାପ-ଆଲୋଚନା ଆଜିକାର ସମାଜରେ ଏଇଥିପାଇଁ ଆହୁରି ବେଶି ଦରକାର ଯେହେତୁ, ଆମେ ଛିନ୍ନମୂଳ ହୋଇପଡ଼ିଛୁ । ସଂସ୍କୃତିର ଯେଉଁ ଉଚ୍ଚ ଆଧାରଟି ସ୍ୱାଧୀନତା ଆନ୍ଦୋଳନ ବେଳେ ତିଆରି ହୋଇଥିଲା, ଆମେ ତାର ଧାରାବାହିକତା ରକ୍ଷା କରିପାରୁ ନାହୁଁ । ବଡ଼ ବଡ଼ କଥାତକ ଆମେ ବିଶ୍ୱରୁ ଆହରଣ କରିଛୁ, କିନ୍ତୁ ଦେଶ ମାଟିରେ ଗଢ଼ି ଉଠିଥିବା ଉଚ୍ଚ ସଂସ୍କୃତିର ସ୍ୱର ସହିତ ଆମେ ଯେମିତି ଯୋଗସୂତ୍ର ହରାଇ ପକାଇଛୁ । ସେହି ଯୋଗସୂତ୍ରଟିକୁ ଗଢ଼ିତୋଳିବାକୁ ହେବ । ଅଥଚ ତା ସହିତ ଆଜି ବିରୋଧ ବି





ଅବଶ୍ୟମ୍ଭାବୀ । କାରଣ ସେ ଥିଲେ ପେଟିବୁର୍ଜୁଆ ବିପ୍ଳବବାଦ ଏବଂ ମାନବତାବାଦର ଉପାସକ । ଆଉ ଆମକୁ କରିବାକୁ ହେବ ଶ୍ରମିକ ବିପ୍ଳବ, ସମାଜତାନ୍ତ୍ରିକ ବିପ୍ଳବ– ପୁଞ୍ଜିବାଦ ଉଚ୍ଛେଦର ବିପ୍ଳବ । ତେଣୁ ବିପ୍ଳବ ସାଧନାରେ ଆମକୁ ଆଉ ପାଦେ ଆଗେଇ ଯିବାକୁ ହେବ । କିନ୍ତୁ ଆମେ ସେତେବେଳେ ହିଁ ଆଗେଇ ଯାଇପାରିବୁ, ଯେତେବେଳେ ଆମେ ଶରତଚନ୍ଦ୍ରଙ୍କୁ ବୁଝିଛୁ ଏବଂ ତାହାର ରସ ଟିକକ ନିଗାଡ଼ିନେଇ ତାର ଖାଦତକ ଫୋପାଡ଼ି ଦେଇ ପାରିଛୁ, ତାହାର ଅନାବଶ୍ୟକ ଦିଗଟିକୁ ବାଦଦେଇ ପାରିଛୁ, ତାହା ଭିତରେ ଯେଉଁ ସମ୍ପଦ ଥିଲା– ସବୁ ସମ୍ପଦଗୁଡ଼ିକୁ ନେଇ ଆମେ ନିଃଶେଷିତ କରିପାରିଛୁ । ଆଉ ଆମର ନେବାପାଇଁ କିଛି ନାହିଁ । କିନ୍ତୁ ଆମେ ନେଇ ପାରିଲୁନି କିଛି । ଆମେ ଯୋଗସୂତ୍ର ହରାଇ ବସିଲୁ । ଶରତଚନ୍ଦ୍ରଙ୍କ ସ୍ତରର ଉନ୍ନତ ମାନସିକତା ଏବଂ ମୂଲ୍ୟବୋଧଗୁଡ଼ିକ ହିଁ ଆମ ଭିତରେ ନାହିଁ । ତେବେ ଆଜିକାର ଦିନରେ ବିପ୍ଳବର ସୈନିକ ହେବୁ କେମିତି ? ସମାଜକୁ ବଦଳାଇବୁ କେମିତି ? ତେଣୁ ଶରତଚନ୍ଦ୍ରଙ୍କୁ ଭଲଭାବେ ଜାଣିବାକୁ ହେବ, ବୁଝିବାକୁ ହେବ ।

✲✲✲

ମୂଲ୍ୟ-୧୦ ଟଙ୍କା

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ
ଧୂର୍ଜଟୀ ଦାସ, ପ୍ଲଟ ନଂ-୬୧, ଗଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,
ଭୁବନେଶ୍ୱର-୨ଙ୍କ ଦ୍ୱାରା ପ୍ରକାଶିତ ଏବଂ କ୍ରାନ୍ତି ଚେତନା ପ୍ରେସରେ ମୁଦ୍ରିତ